ଶୁଭପଲ୍ଲବ

୧୫ଶ ସଂସ୍କରଣ



୨୦୧୮ ନବବର୍ଷ ଦିନ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ ଓଡ଼ିଆ ଲୋକଙ୍କ ଦ୍ୱାରା ରଚିତ କିଛି ଗଳ୍ପ, ପ୍ରବନ୍ଧ ଏବଂ କବିତାକୁ ନେଇ ପ୍ରକାଶ ପାଇଥିଲା ଏହି ପତ୍ରିକାଟିର ପ୍ରଥମ ସଂସ୍କରଣ । ପରବର୍ତ୍ତୀ ସମୟରେ ଏହାର ନାମ "**ଶୁଭପଲ୍ଲବ**"କୁ ପରିବର୍ତ୍ତନ କରାଯାଇଥିଲା । ପତ୍ରିକାଟିର ପୁନଃନାମକରଣ କରିଥିଲେ **ପଣ୍ଡିତ ଶ୍ରୀଯୁକ୍ତ ଭାଗିରଥୀ ନନ୍ଦଶର୍ମା** ମହୋଦୟ । ପୂର୍ବ ୧୪ଟି ଯାକ ସଂସ୍କରଣର ଲେଖା ସହ ଏବେ ଆମେ ଆମର ୱେବ୍‌ସାଇଟ୍ ମଧ୍ୟ କାର୍ଯ୍ୟ କରୁଛି । ଏଥର ଅଧିକ ସଂଖ୍ୟକ ପାଠକ ଏବଂ ଲେଖକମାନଙ୍କ ସହ ଯୋଡ଼ି ହୋଇ ରହିବୁ ବୋଲି ଆମର ଆଶା ।

ପତ୍ରିକାରେ ପ୍ରକାଶ ପାଇଥିବା ଲେଖାଗୁଡ଼ିକ ମଧ୍ୟ ଶୁଣିବାପାଇଁ ୟୁ-ଟ୍ୟୁବ୍‌ରେ ଉପଲବ୍ଧ । ଏହାଛଡ଼ା ଆମର ୱେବ୍ ପୋର୍ଟାଲ୍ ଓଡ଼ିଆ ସମେତ ଇଂରାଜୀ, ସଂସ୍କୃତ, ହିନ୍ଦୀ, ପଞ୍ଜାବୀ, ତେଲୁଗୁ ଓ ବଙ୍ଗଳା ଭାଷାରେ ଉପଲବ୍ଧ, ଯେଉଁଥିରେ ବାହାର ଅନେକ ନୂଆ ନୂଆ ଲେଖକଲେଖିକା ଆମ ପରିବାର ସହ ଯୋଡ଼ିହେଲେଣି । ଏହି ବର୍ଷ ଆଗକୁ ଆହରି ବଢ଼ିବାର ଆଶା ରଖିଛୁ ।

ଶୁଭପଲ୍ଲବ ଏବେ ମାସିକ ପତ୍ରିକା ଭାବରେ ପ୍ରକାଶ ପାଉଛି । **ଆଗକୁ ରଥଯାତ୍ରା ଥିବାରୁ ଏହି ସଂସ୍କରଣ ଭଳି ଆଗାମୀ ସଂସ୍କରଣରେ ସମ୍ପାଦକ ତାପସ ରଞ୍ଜନଙ୍କ ଦ୍ୱାରା କେବଳ ଜଗନ୍ନାଥଙ୍କ ଉପରେ ଆଧାରିତ କିଛି ବଛାଲେଖା ପ୍ରକାଶ କରାଯିବ** ଏବଂ ଅନ୍ୟାନ୍ୟ ଲେଖାଗୁଡ଼ିକୁ ଆମର ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ । ପ୍ରତ୍ୟେକ ମାସର **୧ ତାରିଖରେ ପତ୍ରିକା ପ୍ରକାଶ ପାଇବ** ଏବଂ **୧୦ ତାରିଖ ମଧ୍ୟରେ ଆସନ୍ତା ମାସ ପାଇଁ ଲେଖା ଗ୍ରହଣ କରାଯିବ** ।

ଏହି ପତ୍ରିକାଟି ଇ-ପତ୍ରିକା ହୋଇଥିବାରୁ ଏହାକୁ ପଢ଼ିବାକୁ କୌଣସି ମୂଲ୍ୟ ଲାଗିବ ନାହିଁ ଏବଂ ଲେଖକମାନଙ୍କୁ କୌଣସି ମୂଲ୍ୟ ପ୍ରଦାନ କରାଯାଇନାହିଁ । ପତ୍ରିକାର ଲେଖାଗୁଡ଼ିକ ଇ-ମେଲ ମାଧ୍ୟମରେ ଗ୍ରହଣ କରାଯାଇଛି । ପତ୍ରିକାରେ ସ୍ଥାନିତ ଲେଖାଗୁଡ଼ିକର ଉତ୍ତରଦାୟୀ ଲେଖକମାନେ ନିଜେ ଏବଂ ପ୍ରକାଶିତ ସମସ୍ତ ଲେଖାର ସତ୍ତ୍ୱାଧିକାର କେବଳ ଲେଖକମାନଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃ-ପ୍ରକାଶନ ପାଇଁ ଲେଖକମାନଙ୍କର ଅନୁମତି ନିତ୍ୟାନ୍ତ ଆବଶ୍ୟକ ।

ଶୁଭପଲ୍ଲବ



ସଂଗ୍ରାମ କେଶରୀ ସେନାପତି

(ସମ୍ପାଦକ)



ତାପସ ରଞ୍ଜନ

(ସମ୍ପାଦକ)

ସମ୍ବିତ ଦାସ

(ଅଳଂକରଣ)

ସୂଚୀପତ୍ର

କ୍ର. ସଂ.	ବିଷୟ	ଲେଖକ/ଲେଖିକା	ପୃଷ୍ଠା
୧	ସମ୍ପାଦକୀୟ...	ସଦାନନ୍ଦ ପାଣିଗ୍ରାହୀ	୫
୨	ଗୁହାରି	କାଳି କୁମାର ବେହେରା	୧୦
୩	କେମିତି ଅଛ ହେ କାଳିଆ ଠାକୁର	ଅଭିଲିପ୍ସା ସାହୁ	୧୨
୪	ଭାବ ଭକ୍ତିର ମୂଲ୍ୟ	କପିଳେଶ୍ୱର ମିଶ୍ର	୧୬
୫	ମୋ ଗାଁ ମୋ ଉତ୍କଳ ମାଟି	ବାସନ୍ତୀ ଲତା ଜେନା	୨୦
୬	ଅକାଳର ଅଗଣାରେ ହରବିଳାଶ	ଅକାଳ କୁଷ୍ମାଣ୍ଡ	୨୨
୭	ମୋ ଗାଁ	ଚିତ୍ତରଂଜନ ବାରିକ;	୨୯
୮	ମନେ ପଡ଼ନ୍ତୁ ନାରାୟଣ ପ୍ରସାଦ ସିଂହ	ସିନ୍ଧୁଜ୍ୟୋତି ତ୍ରିପାଠୀ	୩୧
୯	ବୋଉ କଥା ମନେ ପଡ଼େ	ଦେବବ୍ରତ ବାରିକ	୩୩
୧୦	ଲଣ୍ଠନ	ଆଶିଷ କୁମାର ସ୍ୱାଇଁ	୩୪
୧୧	ଶୂନ୍ୟତାର ପରିଭାଷା	ଡ. ସୌମ୍ୟବ୍ରତ ପଣ୍ଡା	୩୬
୧୨	ଅଫେରା ଚିଠି	ସ୍ୱୀଟି ଦାସ	୩୭
୧୩	ପ୍ରେମ ଉପହାର	ଆଶୁତୋଷ ମେହେର	୪୦
୧୪	ସମ୍ପର୍କ	ସ୍ନିଗ୍ଧା ଜେନା	୪୧
୧୫	ହୃଦୟ	ସ୍ମିତା ପଣ୍ଡା	୪୫
୧୬	ଭ୍ରୂଣ	ସୁଧାଂଶୁ ଶେଖର ଦ୍ୱିବେଦୀ	୪୬
୧୭	ଏଇ ତ ତୁମ ଉପହାର	ଡ. କୌଶିକ କୁମାର ପାଣିଗ୍ରାହୀ	୪୮
୧୮	ଜୀବନସାଥୀ	ସୌଭାଗ୍ୟ ଗିରି	୫୦
୧୯	ପୁଅ ପାଇଁ ଗୀତାର୍	ଦୀପକ ଷଡ଼ଙ୍ଗୀ	୫୧
୨୦	ତୁମ କଥା	ପୁଷ୍ପାଞ୍ଜଳି ପଣ୍ଡା	୫୬
୨୧	ଆମ ରୋଷେଇ: ରଜ ପୋଡ଼ପିଠା	ସୀତୟା ଭୋଇ	୫୭
୨୨	ଭ୍ରମଣ କାହଣୀ- ଡିହିରାକୁଳ	ସାଇ ପ୍ରାକଶ ଜେନା	୬୦

ସମ୍ପାଦକୀୟ...

ଅନୁଭୂତିରେ ଶ୍ରୀଜଗନ୍ନାଥ...

ସେଦିନ ଥାଏ ରବିବାର । ଦୁଇହଜାର ତେର ମସିହା ଜୁନ ମାସ ତେଇଶି ତାରିଖ । ପବିତ୍ର ସ୍ନାନ ପୂର୍ଣ୍ଣିମା । ସେଦିନ ଖୁବ୍ ଭୋରୁ ଆମେ ସପରିବାର ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ପ୍ରଭୁଙ୍କ କରୁଣାର ଡୋରି ଲାଗିବାରୁ ଟ୍ରେନ୍ ଯୋଗେ ଯାଇଥିଲୁ । ସାଥିରେ ଆମର ବନ୍ଧୁ ଓ ତାଙ୍କ ପରିବାର ମଧ୍ୟ ଥାଆନ୍ତି । ପ୍ରଭୁଙ୍କ ଅପାର କରୁଣାରୁ ଯାତ୍ରା ସହଜ ଏବଂ ସଫଳ ହୋଇଥିଲା । ପୁରୀ ରେଳ ଷ୍ଟେସନରୁ ଓହ୍ଲେଇ ଅଟୋ ଯୋଗେ ବଳଗଣ୍ଡି ପର୍ଯ୍ୟନ୍ତ ଗଲୁ । ସେଠାରୁ ଚାଲି ଚାଲି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କଲୁ । ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଲା ବେଳକୁ ପ୍ରଭୁ ସ୍ନାନ ବେଦିରେ ବିରାଜମାନ । ବଡ଼ଦାଣ୍ଡର ଧୂଳି, ଶ୍ରୀମନ୍ଦିର ଉପରେ ଉଡୁଥିବା ନୀଳଚକ୍ର ନେତ ତଥା ପ୍ରଭୁଙ୍କ ଦର୍ଶନ କରି ମୁଣ୍ଡିଆ ମାରି ଭକ୍ତି ଗଦ ଗଦ ହୋଇଗଲି ।

ଘଣ୍ଟ ଘଣ୍ଟା କାହାଳୀରେ ବଡ଼ଦାଣ୍ଡ ଫାଟି ପଡୁଥାଏ ଯେପରି ! ଅଗଣିତ ଭକ୍ତମାନଙ୍କର କେବଳ ମୁଣ୍ଡ ମାଳ ମାଳ । ସମସ୍ତଙ୍କର ଅପଲକ ନୟନ କେବଳ ପ୍ରଭୁଙ୍କ ଦର୍ଶନ ଉଦ୍ଦେଶ୍ୟରେ । ସ୍ୱତନ୍ତ୍ର ନୀତି ହିସାବରେ ଷୋଡ଼ଶ ଉପଚାରରେ ପ୍ରଭୁଙ୍କର ପୂଜା ଅର୍ଚ୍ଚନା ଚାଲିଥାଏ । ଚତୁର୍ଦ୍ଧା ମୂର୍ତ୍ତିଙ୍କ ସମ୍ମୁଖରେ ୧୦୮ ଗରା ଜଳ ପ୍ରସ୍ତୁତ ସୁସଜ୍ଜିତ ଭାବେ । ଏହି ଜଳ ମା' ଶୀତଳାଙ୍କ ନିକଟସ୍ଥ ସୁନାକୂଅରୁ ଅଣାଯାଏ । ବର୍ଷକରେ ଥରେ ଏହି ସୁନାକୂଅ ହିଁ ପ୍ରଭୁଙ୍କ ଉଦ୍ଦେଶ୍ୟରେ କାମରେ ଲାଗିଥାଏ । ପୁଣି ଅପେକ୍ଷା କରେ ପରବର୍ଷ ସେହି ପବିତ୍ର ଦିନକୁ । ଆମେ ସେହିଭଳି ବଡ଼ଦାଣ୍ଡରେ ଠିଆ ହୋଇ ପ୍ରଭୁଙ୍କ ନୀତି କାନ୍ତି ଦେଖିଥାଉ । ତା'ପରେ ପ୍ରଭୁଙ୍କର ସ୍ନାନ ପର୍ବ ଆରମ୍ଭ ହେଲା । ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ୩୫ ଗରା ଜଳ, ବଡ଼ଭାଇ ବଳଭଦ୍ରଙ୍କୁ ୩୩ ଗରା ଜଳ, ମା ସୁଭଦ୍ରାଙ୍କୁ ୨୨ ଗରା ଏବଂ ଚକ୍ରରାଜ ଶ୍ରୀ ସୁଦର୍ଶନଙ୍କୁ ୧୮ ଗରା ଜଳ ଲାଗି ସ୍ନାନ କରାଗଲା । କି ଅପୂର୍ବ ଦୃଶ୍ୟ ! ଯାହା ଆଜି ବି ମାନସ ପଟରେ ଉଜ୍ଜୀବିତ । ସ୍ନାନ ଉପରାନ୍ତେ ପ୍ରଭୁଙ୍କର ହାତୀ ବେଶ ପାଇଁ ପ୍ରସ୍ତୁତି । ଏହି ସମୟରେ ସେ ଦୃଶ୍ୟର ଅବଲୋକନ ଆମ ଆଖିରୁ ଲୋତକର ଧାରା ବୁହାଇ ଦେଇଥାଏ । ପ୍ରଭୁଙ୍କ କରୁଣା ନ ହେଲେ ଏତକ ଦର୍ଶନ ମଧ୍ୟ ସମ୍ଭବ ନୁହେଁ । ଯାହା

ହେଉ ପାଖାପାଖି ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ସେଇମିତି ଠିଆ ହୋଇ ଦର୍ଶନ କରିବା ପରେ ଆମେ ଭୋଜନ କରିବା ନିମିତ ଶ୍ୱେତଗଙ୍ଗା ନିକଟସ୍ଥ ହୋଟେଲରେ ପହଞ୍ଚିଲୁ ।

ସମୟ ପାଖାପାଖି ଦୁଇଟାରୁ ଊର୍ଦ୍ଧ୍ୱ । ହୋଟେଲରେ ଖାଇବା ପାଇଁ ବରାଦ କଲୁ । ମୁଁ ଏବଂ ମୋର ସହଧର୍ମିଣୀଙ୍କ ବ୍ୟତୀତ ସମସ୍ତେ ହୋଟେଲରେ ଭୋଜନ କଲେ । ପୁଅ, ଝିଅ ତଥା ବନ୍ଧୁ ଓ ତାଙ୍କ ପରିବାର ସମସ୍ତେ ଖାଇଲେ । ମୁଁ ଏବଂ ମୋର ଧର୍ମପତ୍ନୀ ଖାଇଲୁ ନାହିଁ କାରଣ ମୋର ପୂର୍ଣ୍ଣିମା ଉପବାସ ଥାଏ ଏବଂ ସ୍ତ୍ରୀ ମଧ୍ୟ କହିଲେ ପ୍ରଭୁଙ୍କ ଦର୍ଶନ କରିବାକୁ ଆସିଛି ତେଣୁ ଉପବାସ ରହିବି । ହୋଟେଲରେ ବସିବା ପାଇଁ ଯଦିଓ ସ୍ଥାନ ଥିଲା କିନ୍ତୁ ଅନ୍ୟ ଗ୍ରାହକଙ୍କ ଖାଇବାରେ କାହିଁକି ବାଧାଦେବୁ ଭାବି ଉଭୟେ ହୋଟେଲ ବାହାରେ ଠିଆ ହୋଇ ରହିଲୁ । ଠିଆ ହେବାର ମାତ୍ର ମିନିଟିଏ ବି ବିତିନାହିଁ ହଠାତ ମୋର ନଜର ପଡ଼ିଗଲା ଜଣେ କେହି ସେବାୟତ ବଡ଼ଦାଣ୍ଡ ଆଡୁ ଆସୁଛନ୍ତି । ଆସୁଛନ୍ତି ନୁହେଁ ଦୌଡ଼ିଲା ଭଳି ଲାଗୁଥାନ୍ତି । ପରିଧାନ ପାଟଲୁଗା । ଦୁଇ କାନ୍ଧରେ ଦୁଇଟି ଉତ୍ତରୀୟ । ସୁନ୍ଦର ଏବଂ ସୁଠାମ ଶରୀର । ହସ ହସ ମୁହଁ ତାଙ୍କର ଚେହେରାକୁ ଆହୁରି ଭାବମୟ କରିଦେଉଥିଲା ଯେପରି ! ହାତରେ ରୂପାର ଗଡୁ । ସେ ଶୀଘ୍ର ଶୀଘ୍ର ଆସୁଥିବା ବେଳେ ଯେତେବେଳେ ଆମ ନିକଟବର୍ତ୍ତୀ ହେଲେ କାହିଁକି କେଜାଣି ମୋ ହାତର ପାପୁଲି ତାଙ୍କ ଆଡ଼କୁ ଲମ୍ବିଗଲା । ସେ ବି ସେଇଆ ଚାହୁଁଥିଲେ କି କଣ ! ହସ ହସ ମୁହଁରେ ମୋତେ ଓ ଧର୍ମପତ୍ନୀଙ୍କ ହାତରେ ସେହି ରୂପା ଗଡୁରୁ କିଛି ଜଳ ଦେଲେ ଏବଂ କହିଲେ ଏହା ପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ସ୍ନାନ ଉଦକ । ବହୁ ଭାଗ୍ୟରେ ଥିଲେ ଏ ଜଳ ପ୍ରାପ୍ତ ହୁଏ । ତେଣୁ ଏ ଜଳ ତୁମକୁ ଦେଲି, ଏତକ କହି ସେ ଆଗକୁ ଚାଲିଗଲେ ଏବଂ ଏ ଅଧମ ଅକିଞ୍ଚନର ଭାବରେ ଏକ ସ୍ମୃତିର ଛାପ ରଖିଦେଇଗଲେ ସବୁଦିନ ପାଇଁ । ସେହି ସ୍ନାନ ଜଳକୁ ଆମେ ପାଇଲୁ । କି ବାସନା ସେ ଜଳର । ପ୍ରଭୁ ସ୍ନାନ କରିଛନ୍ତି ଯେ ! କସ୍ତୁରୀ, ଚନ୍ଦନ, ଅଗୁରୁ, ଚୁଆ, କେଶର ଆଦିର ମିଶ୍ରଣରେ ସୁବାସିତ ଜଳ ଏବଂ ଆହୁରି ସୁବାସିତ ପ୍ରଭୁଙ୍କୁ ଲାଗି ହୋଇଥିବାରୁ । ଆମ ସ୍ୱାମୀ ସ୍ତ୍ରୀଙ୍କ ଭାଗ୍ୟରେ ଏକଥା ଯେ ହେବ ତାହା କେବଳ ସେହି ବିଶ୍ୱ ଚିନ୍ତାମଣି କଳାଠାକୁରଙ୍କୁ ଜଣାଥିଲା । କିଛି ଜଳ ହାତରେ ରଖିଲି, ପୁଅ, ଝିଅ ତଥା ଅନ୍ୟମାନେ ହୋଟେଲରୁ ଫେରିବା ପର୍ଯ୍ୟନ୍ତ । ସେମାନେ ମଧ୍ୟ ସେ ଅଙ୍ଗ ଲାଗି ଜଳ ପାନ କଲେ । ମୋ ହାତ ସେଇମିତି ବାସୁଥାଏ । ଇଚ୍ଛା ହେଉଥାଏ ଏହି ହାତରେ ଦିନେ

ଦୁଇଦିନ ନ ଖାଇଲେ ଏ ବାସନା ତ ଏମିତି ରହିବ । କିନ୍ତୁ କି ଆଶ୍ଚର୍ଯ୍ୟ କଥା, ଖାଇବା ପରେ ଏପରିକି ଦିନେ ଦୁଇଦିନ ପର୍ଯ୍ୟନ୍ତ ସେ ହାତ ସେଇମିତି ବାସୁଥାଏ ।

ଏଇଠି ଗୋଟିଏ କଥା ମୋ ମନରେ ଉଙ୍କି ମାରିଲା । ୧୯୮୨ ମସିହା ମ୍ୟାଟ୍ରିକ ପରୀକ୍ଷା ବର୍ଷ ମୋର ବାତ ଜ୍ୱର ବାହାରିଲା ଯାହା ଫାଇଲେରିଆ । ପୂର୍ଣ୍ଣିମା ଓ ଅମବାସ୍ୟାର ଦିନେ ଦୁଇଦିନ ଆଗରୁ ଜ୍ୱର ଆସେ । ଭୀଷଣ କମ୍ପ ହୁଏ । ଦୁଇ ଗୋଡ଼ ଫୁଲିଯାଏ । ପାଖାପାଖି ତିନିଦିନ ଜ୍ୱର ରହେ । ଏତେ ଜୋରରେ କମ୍ପ ଆସେ ଯେ ଦୁଇ ଚାରିଟି କନ୍ଥା କିମ୍ବା କମ୍ବଳ ଘୋଡ଼େଇ ହେଲେ ମଧ୍ୟ ଜ୍ୱରର ପ୍ରକୋପକୁ ରୋକି ହୁଏନି । ମୋ ମାଆ ଭାରି ବ୍ୟସ୍ତ ହୁଏ । ପ୍ରଭୁ କାଳିଆ ଠାକୁରଙ୍କୁ ଡାକି କୁହେ ପ୍ରଭୁ ମୋ ପୁଅକୁ ଏ ରୋଗରୁ ମୁକ୍ତ କରିଦେ । କ୍ରମାଗତ ଚାରି, ଛଅ ମାସରୁ ଊର୍ଦ୍ଧ୍ୱ ଏ ପ୍ରକାର ରୋଗ ନେଇ ମୋ ମାଆ ଦିନେ ମୋତେ କହିଲା, "ତୋତେ ଦୁଇଟି କଥା ମାନିବାକୁ ହେବ; ଯଥା ୧) ପୂର୍ଣ୍ଣିମା ଦିନ ଉପବାସ କରିବୁ, ୨) ପ୍ରାତଃ ସ୍ନାନ ଅର୍ଥାତ ଖୁବ୍ ଭୋରୁ ଗାଧୋଇବୁ ଏବଂ ଗାଧୋଇ ସାରି ପ୍ରଭୁ କାଳିଆଙ୍କ ପାଖରେ ଗୁହାରି କରିବୁ ଯେ ମୋର ଏ ରୋଗ ଭଲ କରିଦିଅ । ଦେଖିବୁ ପ୍ରଭୁଙ୍କ ଦୟାରୁ ଏ ରୋଗ ଧୀରେ ଧୀରେ ଭଲ ହୋଇଯିବ ।" ତାହାହିଁ ବାସ୍ତବରେ ହେଲା । ଧୀରେ ଧୀରେ ଏ ରୋଗ ଦୂରେଇ ଗଲା । କିନ୍ତୁ ଏବେବି ସେହି ପୂର୍ଣ୍ଣିମା ଉପବାସ ପାଳନ ହେଉଛି ଏବଂ ସକାଳୁ ଗାଧୁଆ ତ ମୋର ଅସ୍ଥି ମଜ୍ଜାଗତ ହୋଇଯାଇଛି ବିଶେଷକରି ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ କରିବା ।

ଇତି ମଧ୍ୟରେ ପୂର୍ଣ୍ଣିମା ଉପବାସ କରିବାରେ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଛି । ସେହିଦିନ ଅର୍ଥାତ ଆଜି ସ୍ନାନ ପୂର୍ଣ୍ଣିମା । ଉପବାସ କାରଣରୁ ହୋଟେଲ ବାହାରେ ଠିଆ ହେବା ଏବଂ ଏହି ପ୍ରକାର ସୁଯୋଗ ମିଳିବା ପ୍ରଭୁଙ୍କ କରୁଣା ନୁହେଁ ତ ଆଉ କ'ଣ !!! ଏହି କଥା ଭାବି ଆଖିରୁ ଲୁହ ଗଡୁଥିବା ବେଳେ ମନେ ପଡୁଥିଲା ତ୍ରେତୟା ଯୁଗର ଶବରୀର କଥା । ଶବରୀ କୁମାରୀ ଅବସ୍ଥାରେ ଜାଣିଥିଲା ତା'ର ଭବିଷ୍ୟବାଣୀ କୌଣସି ଏକ ଋଷିଙ୍କ ପାଖରୁ ଯେ ଦିନେ ପ୍ରଭୁ ଶ୍ରୀରାମ, ଭାଇ ଲକ୍ଷ୍ମଣଙ୍କ ସହ ତା' ଦୁଆରକୁ ଆସିବେ ଏବଂ ତା' ହାତରୁ ଭୋଜନ କରିବେ । ଏହି କଥା ଟିକକ ଶୁଣି ଶବରୀ କେତେ ଖୁସି ହୋଇଯାଇଥିଲା । ବଣରେ କୁଟୀରଟିଏ କରି ଅପେକ୍ଷା କଲା ସେହି ସୁଦିନକୁ । କୁମାରୀ ଅବସ୍ଥାରୁ ଯୌବନ, ପ୍ରୌଢ଼, ବାର୍ଦ୍ଧକ୍ୟ ଆସିଲା ତା'

ଜୀବନରେ ହେଲେ ପ୍ରଭୁଙ୍କର ଦେଖା କାହିଁ? ପ୍ରତିଦିନ ତା'ର କୁଟୀରରୁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ସରୁ ଚଲା ରାସ୍ତାକୁ ସଫା କରେ । କାଳେ ପ୍ରଭୁଙ୍କ ପାଦରେ କଣ୍ଟାର ଆଘାତ ଲାଗିବ କି? ସବୁ ଗଛର ଫଳ ମୂଳକୁ ଚାଖି ରଖେ କାରଣ ସେ ପ୍ରଭୁଙ୍କୁ ସୁଆଦିଆ ଫଳ ଖୁଆଇଦେବ । ଅପେକ୍ଷା କରି ରହିଥାଏ ଶବରୀ । ବାର୍ଦ୍ଧକ୍ୟ ତାକୁ ତା'ର ଶରୀରକୁ ନୁଆଇଁ ଦେଲାଣି । ଆଖିରେ ପରଳ ଘୋଟି ଆସୁଛି । ଆଗଭଳି ଫୁର୍ତ୍ତି ନାହିଁ ସେ ଆଉ । ତଥାପି ଅପେକ୍ଷା କରିଥାଏ ପ୍ରଭୁଙ୍କୁ । ଏଇମିତି ଦିନେ ହଠାତ ମର୍ଯ୍ୟାଦା ପୁରୁଷ ଶ୍ରୀରାମ ଭାଇ ଲକ୍ଷ୍ମଣଙ୍କ ସହ ତା' କୁଟୀରରେ ଅତିଥି ହେଲେ ତା'ର ଅଇଁଠା ଫଳ ଅର୍ଥାତ ଚାଖି ରଖିଥିବା ଫଳକୁ ଆକଣ୍ଠ ଭୋଜନ କଲେ ଭାବଗ୍ରାହୀ । ଭାବର ଠାକୁର ତ ସିଏ ! କେବେ କ'ଣ କିଏ ଇଚ୍ଛା କରିଛି ତା'ର ଇପ୍ସିତ ଇଚ୍ଛାକୁ ପୂରଣ କରିବାକୁ ତାଙ୍କୁ କେତେ ବା ସମୟ ଲାଗିବ । ଭକ୍ତ ପାଇଁ ସେ ଗୀତ ଲେଖନ୍ତି, ରଥ ରଖନ୍ତି, ଅଇଁଠା ଖାଆନ୍ତି, ଗୋଇଠା ମାଡ଼ ବି ହସି ହସି ସହିଯାନ୍ତି । ଆଜି ସେ ଶବରୀ ଆଶ୍ରମର ଅତିଥି । ବାଞ୍ଛା କଳ୍ପତରୁ ଶବରୀର ବାଞ୍ଛା, ମନର ବାଞ୍ଛା ପୂରଣ କରି ଫେରି ଯାଇଥିଲେ ପୁଣି ତାଙ୍କର ଉଦ୍ଦିଷ୍ଟ ସ୍ଥାନକୁ । ଆଜିର ଏ ପବିତ୍ର ସ୍ନାନ ପୂର୍ଣ୍ଣିମାରେ ମନେ ପଡୁଥାଏ ମାଆର କଥା । ପୂର୍ଣ୍ଣିମା ଉପବାସ କଲେ ଏ ରୋଗରୁ ମୁକ୍ତି ପାଇବୁ ପ୍ରଭୁ କାଳିଆ ଠାକୁରଙ୍କ କରୁଣାରୁ । ଏତେ ଦିନ ବିତିଗଲା । କେବେବି ଭାବି ନଥିଲି ଏମିତି ଏକ ଶୁଭବେଳା ଆସିବ ଏବଂ ଏ ଅଲୌକିକ ଘଟଣା ଘଟିବ । ଯଦି ହୋଟେଲରେ ନ ଖାଇଲେ ମଧ୍ୟ ଆମେ ବସିଯାଇଥାନ୍ତୁ ତେବେ ଏ ସୁଯୋଗ କ'ଣ ମିଳିଥାନ୍ତା କି? କିଏ ଯେପରି ଆମରି କଣ୍ଠରେ ବସି ଆମକୁ ମନେ ପକାଇଦେଲେ ବାହାରକୁ ଆସି ଠିଆ ହୋଇଥା ମୁଁ ଯାଉଛି । ତେଣୁ ସେଇଆ ହିଁ ଶେଷରେ ହୋଇଥିଲା । କେବେଠୁ ଉପବାସ କରିଥିଲି ଆଜି ବି କରୁଛି ମାତ୍ର ତା' ପଛରେ ଏ ପ୍ରକାର ଅଲୌକିକ ଘଟଣା ଘଟିବ ବୋଲି କେବଳ ସେହି ବିଶ୍ୱ ନିୟନ୍ତାଙ୍କୁ ଜଣା ଥିଲା । ଆଜିର ଏ ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ନିଜର ଅଙ୍ଗଲାଗି ଜଳ ପାନ କରିବାର ସୁଯୋଗ ଦେଇ ସେ ପ୍ରମାଣ କରିଦେଲେ କେବେ ନା କେବେ ସେ ଭକ୍ତର ମନ ବାଞ୍ଛା ପୂରଣ କରିବେ । ଭକ୍ତର ଲକ୍ଷ୍ୟରେ ହେଉ ବା ଅଲକ୍ଷ୍ୟରେ ।

ଇତି ମଧ୍ୟରେ ଏ ଘଟଣାକୁ ୭ ବର୍ଷ ବିତିଗଲାଣି ମାତ୍ର ଆଜିବି ମନେପଡ଼ିଲେ ଏ ଘଟଣାକୁ ନେଇ ମୋ ଆଖିରେ ଲୁହ ଆସେ । ଶରୀର ରୋମାଞ୍ଚିତ ହୋଇଯାଏ । ତା'ପରେ ଆମେ

ପୁଣିଥରେ ବଡ଼ଦାଣ୍ଡକୁ ଆସି ପ୍ରଭୁଙ୍କର ଗଜାନନ ବେଶ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କଲୁ । ପରେ ପରେ ଭୋଗ ସେବନ ପୂର୍ବକ ଭୋଗ କିଣି ମହୋଦଧି ତଥା ସ୍ୱର୍ଗଦ୍ୱାର ଦେଇ ରେଳ ଷ୍ଟେସନକୁ ଗଲୁ ଏବଂ ରାତିର ରେଳ ଗାଡ଼ିରେ ଘରକୁ ଫେରିଲୁ । ସେ ଦିନର ସେ ଅନୁଭୂତିକୁ ମନେ ପକାଇ ପ୍ରଭୁଙ୍କୁ ଭକ୍ତି ଗଦ ଗଦ କଣ୍ଠରେ କହେ,

ଧନ୍ୟ ପ୍ରଭୁ, ଧନ୍ୟ ତୋହର ଲୀଳା
"ତୋ ମାୟା ତୋତେ ଅଗୋଚର
ମୁଁ ଛାର ମନୁଷ୍ୟ ମାତର"

ଆଉ ଭାଗବତରୁ ପୁଣି ଧାଡ଼ିଏ ମନେ ପଡ଼େ,

"ଏ ମନ ଖୋଜୁଥାଇ ଯାହା,
କାଳେ ପ୍ରାପତ ହୁଏ ତାହା ।

ଆଜିବି ଭାବେ ସେ ଦିନର ସେ ସେବାୟତ ଜଣକ କିଏ? ସେ କ'ଣ ସେଇ ବିଶ୍ୱନିୟନ୍ତା କାଳିଆ ଠାକୁର?

ଆଗାମୀ ସ୍ନାନଯାତ୍ର ତଥା ରଜପର୍ବର ଅଭିନନନ୍ଦ ସହ,
ଜୟ ଜଗନ୍ନାଥ !!!

ଶ୍ରୀ ସଦାନନ୍ଦ ପାଣିଗ୍ରାହୀ



ଗୁହାରି

କାଳି କୁମାର ବେହେରା

ଅଣସର ବାସେ ରୁହ ବୋଲି ପ୍ରଭୁ କରିଛ କି ତୁମ୍ଭେ ମାନ ।
ସେ ଦୋଷରେ ତୁମ୍ଭେ କରି ରୋଷ ପ୍ରଭୁ ନେଉଛ କି ଆମ୍ଭ ପ୍ରାଣ?
ତୁମରି ବିଧିର ବିଧାନକୁ ପ୍ରଭୁ କେ କରିବ ଆକଳନ ।
ଜୀବନ ମରଣ ଜୀବାତ୍ମାରେ ପୁନଃ ତୁମ୍ଭ ବିନା ନାହିଁ ଆନ ।।
ତୁମ୍ଭେ କର୍ତ୍ତା ଧର୍ତ୍ତା ଦଇବ ବିଧାତା ସର୍ବତ୍ର ଉଡୁଛି ବାନା
ସେଥିଲାଗି ମୁହିଁ ତୁମରି ସମ୍ମୁଖେ ଗୁହାରୀ କରୁଛି ସିନା ।।
ବଞ୍ଚାଇ ଦିଅ, ପାରି କରି ନିଅ, ଆହେ ମହାପ୍ରଭୁ
ଏହି ବିଷମ ବିପଦ କାଳୁ ।
ତୁମ୍ଭ ବିଜୟର ମଶାଲଟି ପୁନଃ ସାରା ବିଶ୍ୱରେ
ଦାଉ ଦାଉ ହୋଇ ଜଳୁ ।।
ଯଦି ତୁମ୍ଭେ କର୍ତ୍ତା ଧର୍ତ୍ତା ଦଇବ ବିଧାତା
ତେବେ କାହିଁକି ଲୁଚିଛ ଗୋପନେ ମନ୍ଦିରକୁ କରି ଢାଲ ।
ଯଦି ତୁମେ ସର୍ବଶକ୍ତିଶାଳୀ
ତେବେ ଦେଖାଅ ତୁମ୍ଭର ଅସୀମ ଅପାର ବଳ ।।

ନା ତୁମ୍ଭେ ସର୍ବ ଶକ୍ତିମାନ
ନା ତୁମ୍ଭେ ସର୍ବତ୍ର ବିଦ୍ୟମାନ
ତେବେ କିଆଁ ତୁମ୍ଭେ ଉଡ଼ାଇ ବୁଲୁଛ
କିଆଁ ମିଛରେ ପ୍ରଚାର କରୁଛ
ଜଗତର ପାଳନ କରତା ବୋଲି
ତୁମ ନାମର ଗାଥାକୁ ଉଚ୍ଛେଦ କର

ନୋହିଲେ ହୋ ପ୍ରଭୁ ! ଜନ ସମ୍ମୁଖରେ ତୁମ୍ଭ
ଗୁମର ମୁଁ ଦେବି ଖୋଲି ।।
ତୁମ୍ଭେ ଭୀରୁ, ତୁମ୍ଭେ ପ୍ରାଣ କାତରେ
ରଣ ଛାଡ଼ି ପଳାୟନ କର ବୋଲି
କାବ୍ୟ, ପୁରାଣେ ଯାହା ଉଲ୍ଲେଖ ରହିଛି
ବୃଥା ନ ଯିବ ହେ ଖାଲି ।।

ତ୍ରାହି ତ୍ରାହି ଯେବେ ଚତୁଃଦିଗେ ଶୁଭେ ତୁମ୍ଭେ ଡାକ କିମ୍ପା ନ ଶୁଣ

ଏହି ବିଷମ ବିପଦ କାଳୁ ନ ଉଦ୍ଧାରିଲେ ପ୍ରଭୁ
ଭଗବାନ ବୋଲି ରହିବ କି ତୁମ୍ଭ ପଣ ।
କୁହ ଜଗତର ପିତା, କୁହ ଜଗତରନାଥ
ତୁମ୍ଭେ କେଉଁଠି ଲୁଚିଛ କୁହ
ଛାଣୁ ନ ପାଲଟି, ବଧିର ନ ହୋଇ
ତୁମ୍ଭ ଅସ୍ତିତ୍ୱର ଜବାବ ଥରେ ଦିଅ ।।

କେଉଁଆଡ଼େ ତ ଦେଖାଯାଉ ନାହିଁ
ତୁମ୍ଭ ଅସ୍ତିତ୍ୱର ଚିହ୍ନବର୍ତ୍ତ
ତୁମ୍ଭ ଜୀବିତ ଥିବାର ପ୍ରମାଣ
ଏଇ ଯେ ଚାରିଆଡ଼େ ଏବେ
ଅସଂଖ୍ୟ ଶବର ଗୋଦାମ
ତେବେ ! କ'ଣ ହୋଇଗଲା
ତୁମ୍ଭ ବଂଶର ଅବସାନ
ତୁମ୍ଭ ଜାତିର ନିଃଶ୍ଚିହ୍ନ ।।

ଶିଶୁ ରାଇଜ
କାହାଣୀ ଆମ ପିଲାମାନଙ୍କ ପାଇଁ
sishuraija.shubhapallaba.com
(ଛୋଟ ପିଲାଙ୍କ ଗପ, କବିତା, ଗୀତ, ପ୍ରାର୍ଥନା ଆଦି ଉପଲବ୍ଧ)



କେମିତି ଅଛ ହେ କାଳିଆ ଠାକୁର

ଅଭିଲିପ୍ସା ସାହୁ

ଶ୍ରୀକ୍ଷେତ୍ର ଅଧିର, ଭକ୍ତ ନାରଖାର
କେମିତି ଅଛ ହେ କାଳିଆ ଠାକୁର

ନିୟତି ପ୍ରକୃତି ସୃଷ୍ଟି ଆଦିରଥି
ସଂସାର ଶ୍ରୀଧର ତ୍ରିଲୋକ ମୂରତି
ପଞ୍ଚଭୂତ ପଞ୍ଚ ଇନ୍ଦ୍ରିୟ ପ୍ରକାଶେ
ସୃଷ୍ଟ ଜଗତ କି ହେବ 'ସତ୍' ଶେଷେ

ଆୟୁଷ ଅମୃତ କାଳଚକ୍ରର କବଚ
ନୀଳଚକ୍ର ଅଖ ଅଙ୍କେ ଆଉ କି ସଙ୍କୋଚ
ଦଶଦିଗ କୀର୍ତ୍ତି ସମାପ୍ତିବ ଦଶ ତୁଠେ
କ୍ଷଣେ ପ୍ରଳୟ ଘେରିବ ଏଇ ଧରା ରଥେ

ସଂସାର ସାଗର ପଦ୍ମେ ଲକ୍ଷ୍ମୀ ନାରାୟଣ
ପୂର୍ଣ୍ଣରୂପ ପରଂବ୍ରହ୍ମ ଭୁବନ ସୁନ୍ଦର
ଲେଖୁଛି ହେ ପ୍ରଭୁ କିଛି ହୃଦୟ ରୁଧିର
ସମର୍ପିତ ଭାବ ଏ ମୋ ଦୋଷ କ୍ଷମାକର

ଜଗତ ଈଶ୍ୱର ହେ ଜଗଦ୍ଦିଶ୍ୱର
ଭକ୍ତବନ୍ଧୁ ପରଂବ୍ରହ୍ମ ନିରାକାର
ସୃଷ୍ଟିର ସାରଥୀ ହେ ଜଗତପତି
ଅଛପା କି ଥିବ ତୁମେ ଆତ୍ମାର ସମ୍ପତ୍ତି

ସଂସାର ଲେଖନୀ ହେ ପ୍ରଭୁ ଚକ୍ରପାଣି
ତୁମ ବିନୁ କାହିଁ ଏ ଧରା ଧାମ ପୁଣି
ଜନ୍ମ କର୍ମ ମୋକ୍ଷ ତୁମ୍ଭରି ଶରଣେ
ଅନନ୍ତ ବ୍ରହ୍ମାଣ୍ଡ ଡୋରି ଶ୍ରୀଚରଣେ

ଭକ୍ତ ଭଗବାନ ବିଶ୍ୱ ସଂକୀର୍ତ୍ତନ
ପ୍ରତିକ୍ଷଣେ ତୁମେ ରଖୁଥାଅ ମାନ
କାଳଚକ୍ର ଗତି କି ହୋଇଲା ଏବେ
ଦର୍ଶନ ଦେଉନ ପ୍ରଭୁ କେଉଁ ଭାବେ

କେମିତି ବିପତ୍ତି ଏ କେମିତି ସମୟ
କେଉଁ ଲୀଳା ପଥେ ବିଶ୍ୱ, ହେ ଲୀଳାମୟ
ଭକ୍ତି ମୁକ୍ତି କୀର୍ତ୍ତି ମୈତ୍ରୀର ଆରମ୍ଭ
ଯେଉଁଠି ଅନ୍ତ ଏ ସଂସାର ବିଭବ

ଭାବମୟ ପ୍ରେମମୟ ଦିବ୍ୟ ବ୍ରହ୍ମପୁର
ଭକତ ପ୍ରବେଶ ପଥେ ରୁଦ୍ଧ ହେଲା ଦ୍ୱାର
ଅବଢ଼ା ଟଙ୍କତୋରାଣୀ ତୁଳସୀ ଚନ୍ଦନ
ନ ଦେଖି ନ ଛୁଇଁ ଝୁରେ ଭକ୍ତ ମନ ପ୍ରାଣ

ତେଲ ଲୁଣ ତଣ୍ଡୁଳ ଯେ କିଛି ନ ମିଳଇ
ଶତ ଶତ ବାସ ହିତେ ଛାତ ଆଉ ନାହିଁ
ଅତ୍ୟାଚାରୀ ରାଜା କରେ ଅନ୍ୟାୟ ପ୍ରବଳ
ଜନ୍ମଭୂମି ଦୂରେ ଥିଲେ ନ୍ୟାୟ କାହିଁ ଦୂର

ଏକ ଦ୍ୱାରେ ମାନବ ଯେ ଈଶ୍ୱର ରୂପରେ
ଶାହା ହୁଏ ଶତ ସହସ୍ର ଜୀବନ ଯଜ୍ଞେ
ଅନ୍ୟ ପକ୍ଷେ ଭକ୍ଷକ ସାଜଇ ଏ ମାନବ
ଜୟ ଜଗନ୍ନାଥ କହି ଲଭୁଛୁ ଗରବ

ସୁଖ ଦୁଃଖ ପଦେ ବୁଝିବା ପାଇଁ କି
ଦ୍ୱାର ପକାଇଛ ଭକ୍ତ ଭୋଜ କାନ୍ତି
ଛପନ ଭୋଗ ଯେ ଷାଠିଏ ପଉଟି
କେମନ୍ତେ ଚାଖୁଛ ଶ୍ରୀମନ୍ଦିରେ ବସି

ଦେଖ ହେ ସାଆନ୍ତ, ତୁମ୍ଭ ଏ ଜଗତ
କି ଦଶା ଭୋଗୁଛି, କି ବା ହନ୍ତସନ୍ତ
ଶ୍ରୀକ୍ଷେତ୍ର ଅଧିର, ଭକ୍ତ ନାରଖାର
କେମିତି ଅଛ ହେ କାଳିଆ ଠାକୁର

ଲକ୍ଷ୍ମୀ ରାନ୍ଧଣା ଯେ ଶାଗ କ୍ଷୀରି ପୁଳି
ଏକାନ୍ତେ ଭୋଗ କି ସିଂହଦ୍ୱାର ଦେଇକରି
ଅନାହାରେ ବାର ରୋଗ ତେର ଘରେ
ମୁଣ୍ଡ ଗଡ଼ିଲାଣି ଦେଖ ବିଶ୍ରାମ ବିରାମେ

ବଡ଼ଖିଆ ପ୍ରଭୁ ଲବଣୀ ଚୋର ହେ
ଚୋରି କରିନିଅ ରୋଗ ଭୋଗ ଭୟେ
ନିଦାବିଷ୍ଟୁ ସାଜି କି ନିଦ୍ରା ଯାଇଛ
ଭକତ ଦୁଃଖ କିମ୍ପାଇଁ ନ ଶୁଣୁଛ

କେତେ ଆଉ ନିଦ୍ରା ଯିବ ଅନନ୍ତ ନାରାୟଣ
ତ୍ରାହି ତ୍ରାହି ଶୁଭିଲାଣି ଶୁଣ ହରି ଶୁଣ
ସଂସାର ହେବ କି ଶୂନ୍ୟ, ହେବ କି ଶ୍ମଶାନ
କେବେ ଲୀଳା ରଚିବ ହେ ବାବୁ ବାଇମନ

ଭକତ ବତ୍ସଳ ଭଗବାନ ଯେ ବୋଲାଅ
ଦାରୁଣ ସମୟେ ଦୁଃଖ କାହିଁକି ନ ଶୁଣ
ଭଗବାନ ପଥକୁ ଯେ ଭକ୍ତ ଝୁରି ଝୁରି
ତୁମ୍ଭେ ନ ଶୁଣିଲେ ଆଉ କିଏ ହେବ ସରି

ଷାଠିଏ ରାତି ପାହିଲା ସତର ଜହ୍ନ ଉଇଁଲା
ଭକତ ପ୍ରାଣ ଛାଡ଼ିଲା ଭଗବାନ ନ ଦିଶିଲା
ସରିବ କି କାଳ ଆସିବ କି ଅକାଳ ଜନମ
ଅବା ସୁଦର୍ଶନେ ଦିଶିବେ କଳକୀ ଭଗବାନ

ଭକତ ଆଖିରୁ ଝରେ ଲୁହର ସାଗର
ନିଃଶ୍ୱାସେ ଚନ୍ଦନ ବାସେ ଆସ ଚକ୍ରଧର
ଆତ୍ମା ଝୁରିଲାଣି ତବ ଚକାଆଖି ଠାଣି
କେବେ ଦର୍ଶନ ଦେବ ହେ ଜଗନ୍ନାଥ ସାଇଁ

ଆତ୍ମା ବିନା ଶରୀର ଯେ ବ୍ରହ୍ମ ବିନା ଭକ୍ତବାଣୀ
ଶୂନ୍ୟ ସଂସାର ସତ୍ତା ଯେ ଶୂନ୍ୟ ଶୂନ୍ୟ ଦିଶିଲାଣି
ହୃଦ କହେ ପ୍ରାଣ କହେ ଆତ୍ମା ମୋ'ର କହେ
ଦୁଃଖନିଧି ଦୁଃଖେ ଥିବେ ଦେଖନ୍ତିକି ଛାଏଁ

କେତେ ଆଉ ରୋଷ ଯିବି ଆରେ ବାବୁଧନ
ତୁ ବି ଭୋକରେ ଅଛୁ ଜାଣେ ଏଇ ମନ
ତତେ ନ କହି ମୁଁ ଆଉ କାହାକୁ କହିବି
ଜାଣେ ତୁ ଏକା ଶୁଣିବୁ, ମୁଁ ଯେ କହୁଥିବି

ତୁ ଏକା ସାତ ସତ୍ୟ ପରମ ପାବନ
ଆଉ ସବୁ ମିଥ୍ୟା ଏଠି ମିଥ୍ୟା ଏହି କ୍ଷଣ
ତୋ' ବିନା ସଂସାର ଶୂନ୍ୟ, ଶୂନ୍ୟ ଏ ପୃଥିବୀ
ତୋ' ଠାରେ ପ୍ରତିଫଳିତ ସାରା ବିଶ୍ୱ ଛବି

ଭକତ ଶରଧା ବିନା ପ୍ରଭୁ ଯେ ପାଷାଣ
କେମିତି ଏକାନ୍ତେ ଥିବେ ଶ୍ରୀରାଧା ରମଣ
ରୁଚୁଥିବ କି ନାହିଁ ମା' ଲକ୍ଷ୍ମୀଙ୍କ ରାନ୍ଧଣା
ଦାସିଆ ନଡ଼ିଆ ଓ ଶବରୀ କୋଳି ବିନା


କେବେ ଯିବି ଦେଖିବି ମୋ କାଳିଆ ସୁନାକୁ
କୁନି କୁନି ହାତରେ ଚଳାଏ ଜଗତକୁ
ତୁଳସୀ ଚନ୍ଦନ ବାସେ ଶରଧା ତା'ର
ଯିବାଦିନ ନେଇଥିବି ଚନ୍ଦ୍ରିକା ଚଅଁର


କଳାକାଠ ଦିଶିବଣି ତା କଳା ବଦନ
ଭକତ ଦୁଃଖକୁ ଅନୁଭବେ ଘନଶ୍ୟାମ
ନିଶି ନିଶି ଶୁଏ ନାହିଁ ଅନନ୍ତ ଶୟନେ
ଭକ୍ତ ଜାଣେ ଭଗବାନ ଦୁଃଖେ କି କାରଣେ


ଭାଗ୍ୟ ଥିଲେ ଭାଗୀ ହେବି ଘୋଷଯାତରାର
କି ହେବ ସକାଳେ କେବେ ରାତିକୁ ନ ପଚାର
ସକାଳ ସୁରୁଜ ବିନା ସାଏଁ ନ ଆସଇ
ଦୁଃଖଦ ଏ କାଳକୁ ଯେ ହେୟ ନ ମଣଇ


ହେ ଦୁଃଖବନ୍ଧୁ ଆଉ ଦୁଃଖେ ରୁହନାହିଁ
ରତ୍ନ ସିଂହାସନୁ ପ୍ରଭୁ ଆସ ଗୋ ଓହ୍ଲାଇ
ଗଡ଼ିଲାଣି ସମୟ ଯେ ଗଡ଼ିଯିବ ମୁଣ୍ଡ
ତୁମ୍ଭ ନନ୍ଦିଘୋଷ ଆଉ କିଏ ଯେ ଟାଣିବ

ସଂସାର ଦୁଃଖ ସରିବ ହୋଇବ ସକାଳ
ଅଦିନ ଝଡ଼ ଏ ନାହିଁ ଆୟୁଷ ତାହାର
ଶ୍ରୀକ୍ଷେତ୍ର ଅଧିର, ଭକ୍ତ ନାରଖାର
କେମିତି ଅଛ ହେ କାଳିଆ ଠାକୁର






























Photos: Santosh.mbahrm (CC BY-SA)



ଭାବ, ଭକ୍ତିର ମୂଲ୍ୟ

କପିଳେଶ୍ୱର ମିଶ୍ର

କୁଆଁ ତାରା ଉଇଁବାକୁ ଆହୁରି ଘଡ଼ିଏ ରାତି ଅଛି ବୋଧେ ! ଚାଉଁକିନା ନିଦ ଭାଙ୍ଗି ଗଲା । ହାତ ବୁଲାଇ ଆଣିଲା ବେଳକୁ ଦେହ ମୁହଁ ସବୁ ଝାଳ । ଏ ପର୍ଯ୍ୟନ୍ତ ସ୍ୱପ୍ନର ଆବେଗ କଟିନାହିଁ ବୋଧହୁଏ !! ରହି ରହି ବର୍ଷା ଅସରା ହେଲା ଭଳି ମନକୁ ଭିଜେଇ ଦେଉଛି ସ୍ୱପ୍ନର ବୃତ୍ତାନ୍ତମାନ । ମନ ଯେମିତି ଖୋଜି ବୁଲୁଛି ସ୍ୱପ୍ନର ସେଇ ଶୀହରଣମାନଙ୍କୁ... ସ୍ୱପ୍ନର ଢେଉକୁ ଓ ବେଳାଭୂମିରେ ମଥା ପିଟୁଥିବା ଢେଉମାନଙ୍କରୁ ଛିଟିକି ପଡୁଥିବା ଜଳକଣାମାନଙ୍କୁ । ଆହାଃ ! କେଡ଼େ ସୁନ୍ଦର ସେଇ ସପନର ସୋହାଗ... ଆଖି ଆଗରେ ଲହଡ଼ି ପରି ଭାସି ଯାଉଛି ସେଇ ମିଠା ମିଠା ସପନର ଅନୁପମ ଦୃଶ୍ୟମାଳା ସବୁ ।

ହେତୁ ପାଇବା ଦିନରୁ ପୁରୁଷମ ଠାକୁରଙ୍କ କଥା ଶୁଣିଛି । ବାପା, ବୋଉ ଆଉ କିଛି ଗାଁ ଲୋକଙ୍କ ସଙ୍ଗେ ପୁରୁଷମ ଯାଇ ଚକାଡୋଳାଙ୍କୁ ଦର୍ଶନ କରୁଛି । ସବୁ ଲୋକ ହାତ ଉଠାଇ ମହାପ୍ରଭୁଙ୍କୁ ଦେଖି ମୁଣ୍ଡରେ ମାରୁଛନ୍ତି । ପୁରୁଷମରୁ ଫେରିଛନ୍ତି । ବାପା ତା'ର, ଠାକୁରଙ୍କ ଫଟଟିଏ ଆଣି ଘର ଠଣାରେ ଚନ୍ଦନ ବୋଳି ପୂଜା କରୁଛି । ନିତିଦିନ ବହଳ ଚନ୍ଦନ ବୋଳାରେ ଅସ୍ପଷ୍ଟ ଦେଖାଯାଉଥିବା ଭାଇ, ଭଉଣୀଙ୍କ ସହ ଚକାଡୋଳାଙ୍କ ଫଟକୁ ଗାଧୋଇସାରି ଆସି ମୁଣ୍ଡିଆ ନ'ମାଇଲେ ପାଟିରେ ପାଣି ବାଜେ ନାହିଁ । ଚିଲିକା କୂଳ କାଣ୍ଡଗୋଦା ଗାଁ'ରେ ବାପା ତା'ର ବାହାଘର ବିନୋଦିଆ ସାଙ୍ଗରେ କରିଦେଇଛି । ଶାଶୁଘର ଆସିଲା ବେଳେ ଫଟକୁ ବାପାଠୁଁ

ଆଣିଥିଲା । ନିଇତି ଗାଧୋଇ ଆସି ମୁଣ୍ଡିଆ ମାରୁଛି । ଧୀରେ ଧୀରେ ଅନୁଭବ କରିଛି ଏଇ ଠାକୁର ସବୁଠାରୁ ନିଆରା । ଥରେ ଦେଖିଦେଲେ ଭିତରଟା କେମିତି ଚହଲି ଯାଉଛି, ଆନନ୍ଦରେ ଭରି ଯାଉଛି । ତା' ପାଖରେ ନିଜକୁ ସଅଁପି ଦେଲେ ସବୁ ଦୁଃଖ କଷ୍ଟ ଲାଘବ ହୋଇଯାଉଛି । ନିଜ ଭିତରେ ନିଜକୁ ଖୋଜିଲେ ବି ମିଳୁନି । ସବୁ ଚିନ୍ତା ଶୂନ୍ୟ । ଏମିତି ଭାବନାରେ ଛାତି ଭିତରେ ଚେଇଁ ଉଠିଛି ବାତ୍ସଲ୍ୟ ମମତା । ସରମ-ସଙ୍କୋଚରେ ଝାଉଁଳି ପଡ଼ିଛି, ଦେହରୁ ଝାଳ ବୋହିଯାଉଛି...

କର୍କଶ କଣ୍ଠର ସ୍ୱର ଶୁଣି ଚମକି ପଡ଼ିଲା "ମାଣିକ" । ପାଖରେ ଶୋଇଥିବା ତା' ଗେରସ୍ତ ବିନୋଦିଆ କହୁଛି, "କ'ଣ ହେଲା? ଡରିଲୁ କିଲୋ ମାଣିକ? ତୋ' ଦେହରୁ ଝାଳ ବୋହିଯାଉଛି ଯେ !" ମାଣିକ କିଛି ନକହି ଚୁପ ରହିଲା । ବିନୋଦିଆ କଟମଟ ହୋଇ ତା' ଆଡ଼କୁ ଚାହିଁ କହୁଥାଏ, "ବୁଝିଲୁ ମାଣିକ ! ସାତ ବରଷ ହେଲାଣି ଆମ ବାହାଘର । ଏ ଯାଏଁ ଛୁଆପିଲା ହେଲେନି । ତେଣୁ ମୋ ବାପା କହିଛି, ତତେ ନେଇ ଆମ ସେଇ ଦହି ବିକା କୁଡ଼ିଆରେ ଛାଡ଼ି ଦେଇ ଆସିବି । ତୁ ସେଇଠି ରହିବୁ ଆଉ ଦହି ବିକିବୁ, ମୁଁ ଯାଇ କଉଡ଼ି ନେଇଆସିବି । ସାଇଯାକ ମାଇପେ କୁଆଡ଼େ ଟୁପୁଟାପ ହେଉଛନ୍ତି, ତୋ'ର ଛୁଆପିଲା ହେଲାନି ଏଣୁ ତୋ' ମୁହଁ ଚାହିଁବା ପାପ ।" ଗେରସ୍ତର କଥା ଶୁଣି ଯେମିତି ଅଣନିଶ୍ୱାସୀ ହେଇଯାଉଥାଏ ମାଣିକ ! ଆକୁଳ ଭାବେ ମନରେ ଡାକି ଚାଲିଥାଏ ତା' ପ୍ରିୟ ଚକାଡୋଳାଙ୍କୁ । ଗେରସ୍ତ ତା'ର ତାଗିଦ୍ କଲା ଭଳି କହୁଥାଏ, "ଚାଲ୍, ଏଇ ଅନ୍ଧାରୁଆରୁ ଆମେ ଭାବକୁଣ୍ଡଳେଶ୍ୱରଙ୍କ ଦେଉଳ ବାଟ ଦେଇ ଯିବା । ସେ ବାଟରେ ପୁରସ୍ତମକୁ ଲୋକ ଯିବା ଆସିବା କରିବେଣି । ଦହି ପସରା ରାତିରୁ ବୋଉ ସଜାଡ଼ି ଦେଇଛି ।" ବିନୋଦିଆ ହୁଣ୍ଡାଟାଏ । ଖାଲି ହୁଣ୍ଡା ନୁହେଁ, ମୁହଁ ଅପେକ୍ଷା ହାତରେ କଥା କହିବାକୁ ଭଲପାଏ । ବାହାଘରର ଅଳତା ନଲିଭୁଣୁ ତା' ପରିଚୟ ମାଣିକ ପାଇଯାଇଛି । ଡରି ଡରି ମାଣିକ ଦିଅଁଙ୍କ ଫଟକୁ କାନୀରେ ବାନ୍ଧି, ଦହିପସରା ମୁଣ୍ଡରେ ଥୋଇ ଆଗେ ଆଗେ ଚାଲିଲା । ବର ତାର ବାହାଙ୍ଗୀରେ ପାଣି ଭାରେ, ତା' ଉପରେ ଭାତ ପୁଡ଼ିଆଟେ ରଖି ଚାଲୁଥାଏ । ରାତି ପାହିବା ଆଗରୁ ଦିହେଁ କୁଡ଼ିଆରେ ପହଞ୍ଚିଗଲେ । ବିନୋଦିଆ ସନ୍ଧ୍ୟାକୁ କଉଡ଼ି ନେବାକୁ ଆସିବ ବୋଲି ତାଗିଦ୍ କଲାଭଳି କହି ଫେରିଆସିଲା ।

ବିମୁଗ୍ଧ ତମସାର ତନ୍ଦ୍ରା ଭାଙ୍ଗି ରଙ୍ଗୀ ଆସୁଛି ପ୍ରାଚୀ ଦିଗ୍‌ଭାଗ । ମାଣିକ ଗାଧୋଇ ଆସି କୁଡ଼ିଆର ଗୋଟିଏ କଣକୁ ଲିପାପୋଛା କରି ଯତ୍ନ ସହ ଠାକୁରଙ୍କ ଫଟକୁ ରଖି ସାଷ୍ଟାଙ୍ଗ ଦଣ୍ଡବତ ହୋଇ କଇଁ କଇଁ ହୋଇ କାନ୍ଦି ଉଠିଛି । କହି ଚାଲିଛି, "ପ୍ରଭୁ ! କ'ଣ ପାଇଁ ମୋ ସହ ଏତେ ରହସ୍ୟ କରୁଛ !! ମୁଁ ତ ଛାର୍ ଅଜ୍ଞାନିଟାଏ । ମୁଁ କାହୁଁ ତୁମର ଏଇ ରହସ୍ୟ ବୁଝି ପାରିବି ପ୍ରଭୁ !" ଉଠି ଦେଖିଲା ବେଳକୁ ସୁରୁଜ ଦେବତା ମଥାନକୁ ଉଠିଲେଣି । ମାଣିକକୁ ଲାଗୁଥାଏ ସତେ ଯେପରି ତା'ର ଆପଣାର ଲୋକ କିଏ ଆସିବ । ମନ ତା'ର ଉଚ୍ଚାଟ ହେଉଛି । ହେଲେ ଏଇ ନିଛାଟିଆ ଚିଲିକା କୂଳର ବାଲି ପନ୍ତାରକୁ କିଏ ବା କାହୁଁ ଆସିବ ! ଏଯାଏ କଉଡ଼ିଟିଏ ବି ଦହି ବିକ୍ରି ହେଲାନି । ମନେ ମନେ ପ୍ରଭୁଙ୍କୁ ଡାକି ଚାଲିଥାଏ । ଖରା ଦିନ । କୁଡ଼ିଆପାଖ ଗଛ ଉପରେ ଏକୁଟିଆ କୋଇଲି ରାବୁଛି ବଡ଼ ସରାଗରେ । କେବେ କାହାଠାରୁ ଶୁଣିଥିବା ଗୀତଗୋବିନ୍ଦର ଛାନ୍ଦଟିଏ ଗୁଣୁ ଗୁଣୁ ହୋଇ ଗାଉଥାଏ । ଠିକ ସେତିକିବେଳେ କେହି ଦୁଇଜଣ ଘୋଡ଼ାରେ ଚଢ଼ି ପୁରସ୍ତମ ଆଡୁ ଚିଲିକା କୂଳେ କୂଳେ ଆସୁଥିବାର ଦେଖିଲା । ଗୀତ ବନ୍ଦ କରି ଚାହିଁଲା । କାହିଁକି କେଜାଣି ତା' ଛାତି ଭିତରଟା କମ୍ପି ଉଠିଲା । ଏହି ବାଟୋଇ ଦୁଇଜଣଙ୍କ ସହ ତା'ର କୌଣସି ଜନ୍ମରେ କିଛି ସମ୍ପର୍କ ଥିଲା ପରି ଲାଗୁଛି । ପରମୁହୂର୍ତ୍ତରେ ଚମକି ପଡ଼ିଲା ମାଣିକ । ଛି ଛି, ସେ ଏମିତି କ'ଣ ଭାବୁଛି !

କିଛି ସମୟ ପରେ ପରେ ଅଗନ୍ତୁକ ଦୁଇଜଣ ପାଖକୁ ଆସି ଘୋଡ଼ାରୁ ଓହ୍ଲାଇ ଗଛ ଛାଇରେ ବସି ପଡ଼ିଲେ । ସୁନ୍ଦର ଏବଂ ବଳିଷ୍ଠ ଗଠନର ଦୁଇ ଯୁବକଙ୍କୁ ଦେଖିଲେ ଆଖି ଲାଖି ଯାଉଥାଏ । ଅପରିଚିତ ଯୁବକ ଦ୍ୱୟଙ୍କୁ ଓଢ଼ଣୀ ତଳୁ ହାଁ କରି ଚାହିଁରହିଥାଏ ମାଣିକ । ଚେଷ୍ଟାକରି ମଧ୍ୟ ଆଖି ଫେରାଇ ନେଇ ନେଇପାରୁ ନଥାଏ । କିଏ ସେ ଏମାନେ !!!

- "ମା' ଆମକୁ ଭାରି ଶୋଷ, ତଣ୍ଟି ଅଠା ହୋଇଗଲାଣି । ତୁମ ପାଖରେ ଦହି ଅଛି ପରା? ଦେଲ, ମୁନ୍ଦେ ମୁନ୍ଦେ ପିଇଲେ ପ୍ରାଣ ଥଣ୍ଡା ହୋଇ ଯିବ ।"

"ମା' !" ଚମକି ପଡ଼ିଲା ମାଣିକ । ଆଃ, ତା' ପିଣ୍ଡ ଯେପରି ଶାନ୍ତ ଶୀତଳ ହୋଇଗଲା । ସମଗ୍ର ପ୍ରାଣ ସତ୍ତା ମଧୁର ବାତ୍ସଲ୍ୟ ରସରେ ସିକ୍ତ ହୋଇଗଲା । ଦେହରେ ଅପୁର୍ବ କମ୍ପନ । ହଠାତ ତାକୁ ସବୁକିଛି ମିଳିଗଲା ପରି ଲାଗିଲା । ଆଉ କିଛି ପାଇବାର ନାହିଁ ଯେମିତି ! ଓଢ଼ଣା ଟେକି,

ଦଧି ଭାଣ୍ଡ ଧରି ଦୁଇ ଯୁବକଙ୍କ ସମ୍ମୁଖରେ ପହଁଞ୍ଚିଲା । ଯୁବକଙ୍କର ଦୃଷ୍ଟି ପଡ଼ିଗଲା ମାଣିକର ମୁହଁ ଉପରେ । ଚମକି ପଡ଼ିଲେ ନୀଳାଭ୍ରକାନ୍ତୀଯୁକ୍ତ ଯୁବକ । ଠିକ୍ ଯଶୋଦା ମାଆଙ୍କ ମୁହଁ ପରି ମୁହଁ !!! ଆଚମ୍ବିତ ହୋଇଗଲେ ମୁହୂର୍ତ୍ତେ ପାଇଁ । ହେଲେ ବିଶ୍ୱ ରହସ୍ୟର ଅନୁପମ ପ୍ରତୀକଙ୍କ ପକ୍ଷେ ଏହି ରହସ୍ୟ ବୁଝିବାକୁ ଡେରି ହେଲାନାହିଁ । ତତ୍କ୍ଷଣାତ ଆଞ୍ଜୁଳା କରି ନଇଁ ପଡ଼ିଲେ ଦହି ପିଇବା ପାଇଁ । ଦୁଇ ଜଣଙ୍କ ଆଞ୍ଜୁଳାରେ ଦହି ପରଷୁ ପରଷୁ ଅଜଣା ବାତ୍ସଲ୍ୟ ଝରରେ ଭିଜି ଭିଜି ଯାଉଥାଏ ମାଣିକର ତନୁମନ ।

ଦୁଇଜଣଯାକ ଦହି ପିଇସାରିବା ପରେ ଝାଉଁଳି ପଡ଼ିଥିବା ଶ୍ରୀମୁଖ ମଣ୍ଡଳ ପୁଣି ସତେଜ ହୋଇଗଲା । ଏଥର ଦୁଇଜଣଯାକ ତାଙ୍କ ଗନ୍ତବ୍ୟ ପଥରେ ଯିବାକୁ ଘୋଡ଼ା ପାଖକୁ ଗଲେ । ମାଣିକ ତୁଣ୍ଡରୁ ଅଗତ୍ୟା ବାହାରି ପଡ଼ିଲା, "କଉଡ଼ି?" ନୀଳାଭ୍ରକାନ୍ତୀଯୁକ୍ତ ଯୁବକ ଜଣକ ପଛକୁ ଚାହିଁ ସ୍ମିତ ହସି ଦେଲେ । ସେଇ ହସରୁ ମାଣିକ ଯେମିତି ସବୁକିଛି ପାଇଗଲା । ଜିଭ କାମୁଡ଼ି ପକାଇ ଭାବିଲା, ସେ କାହାକୁ କ'ଣ ମାଗୁଛି?

ଯୁବକ ଜଣକ ଚମକିଗଲା ଭଳି କହିଲେ, "ସତେ ତ ! ଆମେ ତ ଦହି ପିଇ କଉଡ଼ି ଦେଇନାହୁଁ ! ହେଲେ ବିଶ୍ୱାସ କର ମା' ଆମେ ଦୁଇ ଭାଇ, ମୋ ନାଁ କାଳିଆ ଏବଂ ଏ ମୋ ବଡ଼ ଭାଇ ବଳରାମ, ଆମେ ଦୁହେଁ ଠାକୁର ରାଜାଙ୍କ ସୈନିକ, କାଞ୍ଚିଯୁଦ୍ଧକୁ ଯାଉଛୁ । ଠାକୁର ରାଜା ପଛରେ ଆସୁଛନ୍ତି । ତୁମେ ଏ ମୁଦ୍ରିକାଟି ରଖ । ରାଜାଙ୍କୁ ଦେଖାଇଲେ ସେ ତୁମ ଦହିର ଉଚିତ ମୂଲ୍ୟର କଉଡ଼ି ଦେଇଦେବେ ।"

ମୁଦ୍ରିକାର ଔଜଲ୍ୟରେ ମାଣିକର ଆଖି ଝାପ୍ସା ହୋଇ ଯାଉଥାଏ । କେଉଁ ଏକ ଅଜଣା ସମ୍ମୋହନରେ ବସବର୍ତ୍ତି ହୋଇ ସେ ନିର୍ବାକ । ବିସ୍ମୟ ତଥା ଆତ୍ମବିସ୍ମରଣରେ କେବଳ ଚାହିଁ ରହିଥିଲା ଘୋଡ଼ା ଟାପୁରେ ଉଡୁଥିବା ଧୂଳିପଟଳକୁ ଆଉ ପାଲଟି ଯାଇଥିଲା ପାଷାଣ ପ୍ରତିମା ଟିଏ ।

ଶୁଭପଲ୍ଲବ
Listen Stories on YouTube
click here to go
ଓଡ଼ିଆ କବିତା, କାହାଣୀ, ଶୁଣନ୍ତୁ



ମୋ ଗାଁ ମୋ ଉତ୍କଳ ମାଟି

ବାସନ୍ତୀ ଲତା ଜେନା

ମୋ ଉତ୍କଳ ମାଟି ପୁଣ୍ୟ ତୀର୍ଥ ମୋର
ଜନମିଲି ତା' କୋଳର
ମୋ ଗାଆଁର ମାଟି ସବୁଠୁ ସୁନ୍ଦର
ସବୁଜିମା ଭରପୂର ।୧।

ମୋ ଗାଆଁର ଲୋକ ଭାଇ ଚାରା ନେଇ
ଏକାଠି ମେଳି ହୁଅନ୍ତି
ପୁନେଇ ପରବ ପାଳନ କରନ୍ତି
ଗଣ୍ଡ ଗୋଳ ନ କରନ୍ତି ।୨।

ସୁଖରେ ଦୁଃଖରେ ଠିଆ ହୋଇ ଥା'ନ୍ତି
ଜଣେ ଜଣଙ୍କ ପାଖର
ଭଲ ମନ୍ଦ କଥା ବୁଝିଣ ଥାଆନ୍ତି
ଭାବି ନିଜ ପରିବାର ।୩।

ଏ ଉତ୍କଳ ମାଟି ଗୌରବ ମୟ
ପୁରାଣ ବର୍ଣ୍ଣିତ ସାର
ଉତ୍କଳ ମାଟିରେ ଜଗନ୍ନାଥ ଧାମ
ନେତ ଉଡ଼େ ଫରଫର ।୪।

ଦାରୁ ବ୍ରହ୍ମ ରୂପେ ପୂଜିତ ହୁଅନ୍ତି
ରତ୍ନ ସିଂହାସନେ ନିଜେ
ଜଗନ୍ନାଥ ରଥ ପୃଥିବୀ ପ୍ରସିଦ୍ଧ
ଅଧାଗଢ଼ା ରୂପ ନିଜେ ।୫।

ଅର୍କ କ୍ଷେତ୍ର ଅଟେ କୋଣାର୍କ ମନ୍ଦିର
ସୂର୍ଯ୍ୟ ଦେବତାଙ୍କ ବାସ
ସପ୍ତ ଐଶ୍ୱର୍ଯ୍ୟର ସ୍ଥାନ ସେ ପାଇଛି
କାରୁକାର୍ଯ୍ୟ ପୂର୍ଣ୍ଣ ଅଙ୍କ ।୬।

ଖଣ୍ଡ ଗିରି ଆଉ ଉଦୟ ଗିରିର
ହାତୀ ଗୁମ୍ଫା ରାଣୀ ଗୁମ୍ଫା
ଇତିହାସେ ସ୍ଥାନ ତାହାର ଯେ ଅଛି
ନୁହେଁ ମୋର ମାଟି ଫମ୍ପା ।୭।

ନୀଳଗିରିର ଯେ ପଥର ବାସନ
କଟକରେ ତାର କଷି
ପିପିଲି ଚାନ୍ଦୁଆ ମନ ମୋହିନିଏ
କିଣିନିଅ ସର୍ବେ ଆସି ।୮।

ଆଷାଢ଼ ମାସରେ ସାଧବ ପୁଅ
ଯାଉଥିଲେ ଦୂର ଦେଶେ
ଧନ ରତ୍ନ ଧରି ଫେରି ଆସୁଥିଲେ
କାର୍ତ୍ତିକର ମାସ ଶେଷେ ।୯।

ଉତ୍କଳ ମାଟିରେ ପୂଜା ବ୍ରତ ହୁଏ
ବାର ମାସେ ତେର ଯାତ
ଲକ୍ଷ୍ମୀ ପୂଜା ହୁଏ ଦୁର୍ଗା ପୂଜା ହୁଏ
ଶିବ ରାତ୍ରି ମେଳା ଖ୍ୟାତ ।୧୦।

ଶ୍ରୀ ଗଣେଶ ପୂଜା ସରସ୍ୱତୀ ପୂଜା
ତା' ସାଥେ ରଜ ପାଳନ
ରଜ ଦୋଳି ଗୀତ ସତେ କି ମଧୁର
ଗାଇବା ମନ ଉଚ୍ଛନ ।୧୧।

ମୋ ଗାଆଁର ମାଟି ବାସ୍ନା ସୌରଭିତ
ଭୁଲିବା ସହଜ ନୁହେଁ
ମାଟିର ମମତା ପୁଲକ ଯୋଗାଏ
ପ୍ରାଣ ଶୀତଳତା ରହେ ।୧୨।

Shubhapallaba

quotes

Now it's easy to read
The Quotes by Shubhapallaba
quotes.shubhapallaba.in

Read Now



ଅକାଳର ଅଗଣାରେ

ଅତିଥି -

ହରବିଳାଶ ପାଣିଗ୍ରାହୀ

କଥାରେ ଅଛି କାହାର ହୃଦୟରେ ପ୍ରବେଶ କରିବାକୁ ହେଲେ ପେଟ ଦେଇ ଯିବାକୁ ପଡ଼େ, ଅର୍ଥାତ ସେ ଲୋକର ଖାଇବାର ରୁଚି ବିଷୟରେ ଆଗ ଜାଣିବାକୁ ପଡ଼େ । ସେଇଥିପାଇଁ ଆଜି ଅକାଳର ଅଗଣାରେ ଅତିଥି ଭାବରେ ସେମିତି ଜଣେ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରିଛି, ଯିଏକି ଖାଇବାଠାରୁ ଖୁଆଇବାରେ ଅଧିକ ରୁଚି ରଖନ୍ତି । ଆସନ୍ତୁ ତାଙ୍କ ବିଷୟରେ ଅଧିକ ଜାଣିବା ଆଉ ମନ ଖୋଲି କେଇପଦ କଥା ହେବା ।

Q1: Usually doctor parents wish their kids to go for medicine as a profession. How could you convince your family especially your father?

Ans:- I didn’t need to convince him actually. Though he wanted me to be a doctor, he was very supportive of my decision. Because he could see that apart from being an average student, being a Doctor needs certain commitment & mental prep which I clearly lacked at that point. The only thing he told me was, "This is your life & you should choose what you think can take you ahead but remember one thing - What you choose today will feed you and your family for the rest of your life. So choose wisely."

Q2: You joined a course which was probably not very known especially in Odisha, way back in 1997. How did you come to know about IHM?

Ans:- I was very interested in hotels from the beginning but didn't know there is a course like HotMan. I had almost settled for MBA when I came across an adv. of a private college. I got curious and delved deeper to arrive at the doorstep of IHM. There was no looking back after that.

Q3: ସମସ୍ତେ ଡାକ୍ତରୀ ଇଞ୍ଜିନିଅରିଙ୍ଗ ପଢ଼ିବା ପାଇଁ ଯାଉଥିଲାବେଳେ ଆପଣ ହୋଟେଲ ମ୍ୟାନେଜମେଣ୍ଟ ପଢ଼ିବାକୁ ସ୍ଥିରକରି କେବେ ନିରାଶାର ସମ୍ମୁଖୀନ ହୋଇଥିଲେ କି?

Ans:- ବହୁତ ଥର ହେଇଛି । ମୋ ଅପେକ୍ଷା ମୋ ବାପା ବହୁତ କଥା ଶୁଣିଛନ୍ତି । ପାରିବାରିକ ଓ ସାମାଜିକ ସ୍ତରରେ । ଯଦିଓ ମୁଁ କେବେ ବି ନିରାଶ ହେଇନି କିନ୍ତୁ ବେଳେ ବେଳେ ଦୁଃଖ ଲାଗୁଥିଲା ଯେ ମୋ ପାଇଁ ହୁଏତ ବାପା କେବେ ବି ଗର୍ବ କରି ପାରିବେନି । କିନ୍ତୁ Air India ପାଇଁ ପ୍ରଧାନମନ୍ତ୍ରୀଙ୍କ ବିମାନକୁ ପରିବେଷଣ କଲା ପରେ ବାପା ବହୁତ ଖୁସି ହେଇଥିଲେ ।

Q4: ଖୋର୍ଦ୍ଧାରୁ ବହାରିନ ଯାତ୍ରା ଭିତରେ ନିଶ୍ଚୟ ଖଟାମିଠା ବହୁତ କାହାଣୀ ଥିବ । ଆପଣଙ୍କ ବ୍ୟକ୍ତିଗତ ଜୀବନ ଉପରେ ପ୍ରଭାବ ପକାଇଥିବା ସେମିତି କିଛି କାହାଣୀ ଆମସହ ବାଣ୍ଟିବେ କି?

ମୁଁ ମୋର ୨ଜଣ ଭଉଣୀଙ୍କ ବାହାଘରରେ ଅନୁପସ୍ଥିତ ଥିଲି କାର୍ଯ୍ୟବ୍ୟସ୍ଥତା ଯୋଗୁଁ । ଯେଉଁଦିନ ମୋ ବଡ଼ ଭଉଣୀର ବାହାଘର, ତା'ର ଦିନେ ଆଗରୁ ମୁଁ ମୋର ପ୍ରଥମ ବିଦେଶ ଗସ୍ତରେ ଯାଇଥିଲି । ତେଣୁ ଅନୁଭୂତି ଖଟା କି ମିଠା ବୋଲି କହିବିନି ବରଂ ମିଶ୍ର ଅନୁଭୂତି କହିଲେ ଠିକ ହେବ । ପ୍ରତିକୂଳ ପରିସ୍ଥିତି ଅନେକ ଥର ଆସିଛି କିନ୍ତୁ ସବୁଥିରୁ ମୁଁ କିଛି ଶିଖିଛି ।

Q5: ଆପଣଙ୍କ ହିସାବରେ ସେଫ୍‌ମାନଙ୍କ (chef) ବିଦ୍ୟା କେଉଁଥିରେ ଯିବ? କଳା, ବିଜ୍ଞାନ ନା ବାଣିଜ୍ୟ?

Ans:- ତିନିଟି ଯାକ ପ୍ରଯୁଜ୍ୟ । ଦୁନିଆରେ ଅନ୍ୟସବୁ କଥା ଭଳିଆ ରୋଷେଇ ମଧ୍ୟ ବିଜ୍ଞାନଦ୍ୱାରା ପରିଚାଳିତ । ଆଜିକାଲି ସୋସିଆଲ ମିଡ଼ିଆ ଯୁଗରେ ଖାଦ୍ୟ ଭଲ ଦେଖା ଯିବା ବି ଅତ୍ୟନ୍ତ ଆବଶ୍ୟକ; ତେଣୁ କଳା । ବାକି ଯେହେତୁ ଏହା ପେଶା, ତେଣୁ ବାଣିଜ୍ୟ ତ ଅଭିନ୍ନ ।

Q6: ବାସ୍ତବରେ ଜଣେ ସେଫ୍‌ଙ୍କର ପ୍ରକୃତ ଭୂମିକା କ'ଣ?

Ans:- ଅନ୍ୟ କୌଣସି ଚାକିରୀ ଭଳିଆ ସାଙ୍ଗଠନିକ ଭାବରେ ଯେତେ ଉପରକୁ ଉଠିବେ ଆପଣଙ୍କର ଭୂମିକାରେ ମଧ୍ୟ ପରିବର୍ତ୍ତନ ଘଟେ । ଭଲ ରୋଷେଇ କରିବା ଛଡ଼ା ସାଙ୍ଗଠନିକ ଦକ୍ଷତା, ସାମାନ୍ୟ ଗଣିତ, ସାମାନ୍ୟ ଇଂରାଜୀ, ତର୍କସଂଗତ ହେବା ଆଉ ନିଜ ଅପେକ୍ଷା ଟିମ୍‌କୁ ପ୍ରେରଣା ଆଉ ମହତ୍ତ୍ୱ ଦେବା ଜରୁରୀ । ଆବଶ୍ୟକତା ଅନୁସାରେ ବ୍ୟବସାୟୀ ଓ ଖଟିଖିଆ, ୨ଟିଯାକ ଭୂମିକା ପାଇଁ ମାନସିକ ପ୍ରସ୍ତୁତି ଆବଶ୍ୟକ ।

Q7: ବୃତ୍ତିଗତ ଜୀବନରେ ସମସ୍ତଙ୍କର ଜଣେ ଜଣେ 'ଗଡ୍ ଫାଦର' ଥାଆନ୍ତି । ଆପଣ କାହାକୁ ନିଜର 'ଗଡ୍ ଫାଦର' ମାନନ୍ତି?

Ans:- ପ୍ରକୃତରେ କହିବାକୁ ଗଲେ ମୋର 'ଗଡ୍ ଫାଦର' କେହି ବି ନାହାନ୍ତି । କିନ୍ତୁ କିଛି ଲୋକ ମତେ ଉତ୍ସାହ ଆଉ ପ୍ରେରଣା ଦେଇଛନ୍ତି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ । ଯେମିତି ସେଫ୍ ସେବାଷ୍ଟିଆନ ମ୍ୟାଥ୍ୟୁ, ଶ୍ରୀ ସଞ୍ଜୟ ମେହଟା ଆଉ ଶ୍ରୀ ଶାନ୍ତାରାମ ଶେଟ୍ଟି ।

Q8: ଆପଣ ଖାଦ୍ୟ ପ୍ରସ୍ତୁତିକୁ ନେଇ ବହୁତ ପରୀକ୍ଷା ନିରୀକ୍ଷା ମାନେ ଏକ୍ସପେରିମେଣ୍ଟ କରନ୍ତି । ଗ୍ରାହକ ଏହାକୁ କିପରି ଗ୍ରହଣ କରନ୍ତି?

Ans:- କୌଣସି ଏକ୍ସପେରିମେଣ୍ଟ କେବେ ଥରକରେ ହୁଏନି । ମୁଁ ଥରେ କରି ସାରିଲେ ଆଉ ଜଣେ ସହଯୋଗୀଙ୍କ ଦ୍ୱାରା ବି କରାଏ । ତା' ଛଡ଼ା ଏକ୍ସପେରିମେଣ୍ଟ ପଛରେ କିଛିଟା ଲଜିକ୍ ଥିବା ଦରକାର । ଯଦିଓ ସ୍ୱାଦ ଉପରେ ପ୍ରାୟ କେବେ ଅସୁବିଧା ହୁଏନି, ବେଳେବେଳେ ଗେଷ୍ଟମାନଙ୍କ

ପାଇଁ ଗ୍ରହଣ କରିବା କଷ୍ଟ ହେଇଥାଏ । କୌଣସି ଏକ୍ସପେରିମେଣ୍ଟ କଲେ ଗେଷ୍ଟଙ୍କୁ ତା' ପଛର କାରଣ ଓ ତା'ର ପ୍ରଭାବ ବୁଝେଇବାକୁ ପଡ଼ିଥାଏ । ଏମିତି ବି ସମୟ ଆସିଛି କି ଗେଷ୍ଟ ନିଜେ ମତେ ସଫଳ ଏକ୍ସପେରିମେଣ୍ଟ କରିବା ପାଇଁ ଆଇଡିଆ ଦେଇଛନ୍ତି ।

Q9: ଆପଣ ପ୍ରସ୍ତୁତ କରିଥିବା ବ୍ୟଞ୍ଜନମାନଙ୍କ ଭିତରୁ କେଉଁଟି ସବୁଠାରୁ ସ୍ମରଣୀୟ ଥିଲା ଓ କେଉଁଟି ସବୁଠାରୁ ଖରାପ ଥିଲା?

Ans:- କୌଣସି ଗୋଟିଏ ଡିସ୍‌କୁ ବାଛିବା କଷ୍ଟକର ନିହାତି । ତେବେ "ରସଗୋଲା ଚାଟ"କୁ ମୁଁ ବାଛିବି । କାରଣ ସେଇଟା ଏକ୍ସପେରିମେଣ୍ଟର ଚରମ ସୀମା ଥିଲା । ରସଗୋଲା, ଇଟାଲିଆନ ବାଲସାମିକ ଭିନେଗାର ଆଉ ଜାପାନିଜ ତୋଗାରାସି ।



ମୁଁ ଚେଷ୍ଟା କରି ବିଫଳ ବି ବହୁତ ଥର ହେଇଚି । ବିଫଳତାର ସବୁଠୁ ଉପରେ ନାଁ ରହିବ ଛେନାପୋଡ଼ର । ଆଜି ପର୍ଯ୍ୟନ୍ତ କେବେ ବି ସନ୍ତୁଷ୍ଟ ହେଇ ପାରିନି । ହୁଏତ ବହୁତ ଲୋକ ଜାଣିନଥିବେ ଛେନାପୋଡ଼ ତିଆରି ବହୁତ ବଡ଼ କଳା ।

Q10: ବୃତ୍ତିଗତ କ୍ଷେତ୍ରରେ ଆପଣଙ୍କର ସବୁଠାରୁ ଖୁସିର ମୁହୂର୍ତ୍ତ କ'ଣ ଥିଲା?

Ans:- ଥରେ ଜଣେ ବୃଦ୍ଧା ମୋ କପାଳରେ ଚୁମାଟିଏ ଦେଇ କହିଥିଲେ ଯେ ତାଙ୍କର ସେ ଦିନର ଖାଇବା ତାଙ୍କ ଜୀବନର ଶ୍ରେଷ୍ଠ ଖାଇବା ଥିଲା । ଜଣେ ସେଫ୍‌ର ଉତ୍ପାଦ ମଣିଷକୁ ବହୁ କାରଣରୁ ପ୍ରଭାବିତ କରିଥାଏ । ତାଙ୍କର ସେ ଦିନର କାରଣ କ'ଣ ଥିଲା ମୁଁ ଜାଣିନି, କିନ୍ତୁ ମୋ ହିସାବରେ ତା'ଠୁ ବଡ଼ ଖୁସି ହୁଏତ ମୁଁ ଆଉ ମୋ ସହଯୋଗୀମାନେ ଆଉ କିଛି ଦେଇ ପାରିବୁନି ।

Q11: ନୂଆ ପିଢ଼ି ଯେଉଁମାନେ ହୋଟେଲ ମ୍ୟାନେଜମେଣ୍ଟରେ ନିଜର କ୍ୟାରିଅର କରିବାକୁ ଚାହୁଁଛନ୍ତି ବା ନୂଆ ନୂଆ କ୍ୟାରିଅର କରୁଛନ୍ତି ସେମାନଙ୍କ ପାଇଁ କ'ଣ ଉପଦେଶ ଦେବେ?

Ans:- ହୋଟେଲ ମ୍ୟାନେଜମେଣ୍ଟ ଅଲଗା କୌଣସି ମ୍ୟାନେଜମେଣ୍ଟ ପାଠ ନୁହେଁ ଯାହା ଦ୍ୱାରା ଜଣେ ସିଧା ମ୍ୟାନେଜର ହେଇ ପାରିବ । ପୁରା ତଳ ସ୍ତରରୁ କାମ କରିବା ପାଇଁ ଜଣେ ମାନସିକ ସ୍ତରରେ ପ୍ରସ୍ତୁତ ରହିବା ଦରକାର । ପ୍ରଥମେ ପ୍ରଥମେ ହୋଟେଲ ଇଣ୍ଡଷ୍ଟ୍ରି କଷ୍ଟ । କିନ୍ତୁ ପ୍ରାରମ୍ଭିକ କଷ୍ଟ ପରେ ବି ଯଦି ଜଣଙ୍କର କାମ ପ୍ରତି ଭଲ ପାଇବା ରହିବ, ତେବେ ଭବିଷ୍ୟତ ଉଜ୍ଜ୍ୱଳ । ଜଣେ ଏ କ୍ଷେତ୍ରରେ କେତେ ଉପରକୁ ଯାଇ ପାରିବ ତା'ର କିଛି ସୀମା ନାହିଁ ।

Q12: ଦେଶକୁ ଫେରି ଆସିବାର ସୁଯୋଗ ମିଳିଲେ କେଉଁଠି ରହିବାକୁ ପସନ୍ଦ କରିବେ? ଓଡ଼ିଶାରେ ନା ଅନ୍ୟକେଉଁ ରାଜ୍ୟରେ?

Ans:- ଓଡିଶା, ଭୁବନେଶ୍ୱର

Q13: ଯଦି ସୁଯୋଗ ମିଳେ ତା'ହେଲେ ଓଡ଼ିଶାରେ ପେସାଦାର ଭାବେ କିଛି କରିବାକୁ ଚାହିଁବେ କି?

ଇଚ୍ଛା ତ ଅଛି ଆଉ ଭବିଷ୍ୟତ ବି ଭୁବନେଶ୍ୱରରେ ନିଶ୍ଚିତ । କିନ୍ତୁ ଦେଖାଯାଉ କେବେ ହଉଚି ।

Q14: କୁହାଯାଏ ପ୍ରବାସୀ ହେଲାପରେ ବ୍ୟାଙ୍କ ବାଲାନ୍ସ ଆଉ ଫୁଟାଣି ଦୁଇଟାଯାକ ବଢ଼ିଯାଏ ଆଉ ନିଜ ରାଜ୍ୟ ବା ମାତୃଭାଷା ପ୍ରେମ କମିଯାଏ । ଆପଣଙ୍କ ମତ କ'ଣ?

ସାର୍ବଜନୀନ ସତ୍ୟତା ନାହିଁ ଏଥିରେ । ମୋ କ୍ଷେତ୍ରରେ ତ ନିଶ୍ଚିତ ଭାବେ ମିଛ । ଓଡ଼ିଆ ଏବେ ବି ମୋର ଆଉ ପରିବାରର ପ୍ରଥମ ଭାଷା । ମାତୃଭୂମି ଆଉ ମାତୃଭାଷା ପ୍ରତି ପ୍ରେମ କମିବାଟା ଏତେ ସହଜ ନୁହେଁ । ବିଦେଶରେ ଜନ୍ମ ହେଇଥିବା ନୂଆ ପିଢ଼ିଙ୍କର ସେ ଅତ୍ମୀୟତା ନ ଆସିବାଟା ସ୍ୱାଭାବିକ କିନ୍ତୁ ଓଡ଼ିଶାର ପାଣି ପବନରେ ବଢ଼ିଥିବା ଲୋକର ମୋହ କେବେ କମିବନି ବୋଲି ମୁଁ ଭାବୁଛି ।



Q15: ସେଫ୍ ପେସାରେ ନଥିଲେ ଆଉ କେଉଁ ପେସାରେ ଥା'ନ୍ତେ ବୋଲି ଭାବୁଛନ୍ତି?

Ans:- ମୁଁ ଏବେ ନିଜକୁ ସେଫ୍ ଛଡ଼ା ଅନ୍ୟ କୌଣସି ପ୍ରଫେସନରେ ଭାବି ପାରୁନି । **I am born to be a chef.** ତେବେ ସୈନିକ କି ବ୍ୟାଡ୍‌ମିଣ୍ଟନ ଖେଳାଳି ହେଇଥିଲେ ବି ଏତିକି ଖୁସି ଥାଆନ୍ତି ବୋଲି ଭାବୁଛି ।

Q16: ସୋସିଆଲ୍ ମିଡିଆ, ବିଶେଷକରି ଟ୍ୱିଟରରେ ଏବେ ମାଳ ମାଳ ଖାଦ୍ୟ ବିଶେଷଜ୍ଞ ଆଉ ୟୁଟ୍ୟୁବ ଶିଖାଳି ସେଫ୍ । ଏ ସବୁ ଦେଖି କେବେ ଡର ମାଡ଼େନି?

Ans:- ନା ! କେବେବି ମାଡ଼େନି । କାରଣ ମୋର ପ୍ରତିଦ୍ୱନ୍ଦିତା ମୋ ନିଜ ସାଙ୍ଗେ । ତେଣୁ ନିଜର ବିକାଶ ପାଇଁ ଶିକ୍ଷା ଜାରି ଅଛି ଆଉ ରହିବ । ବରଂ କିଛି ଭଲ ଜିନିଷ ଦେଖିଲେ ଖୁସି ଲାଗେ । ସବୁଥିରୁ କିଛି ନା କିଛି ଭଲ ଜିନିଷ ଶିଖି ହବ । ମୁଁ ବି ଶିଖିଛି ।

Q17: ବଞ୍ଚିବା ପାଇଁ ଖାଇବା ଉଚିତ ନା ଖାଇବା ପାଇଁ ବଞ୍ଚିବା ଉଚିତ?

Ans:- ଯଦିଓ ମୋ ପେଶା ପ୍ରତି ଏହା ସଙ୍କଟପୂର୍ଣ୍ଣ, ତଥାପି କହିବି ବଞ୍ଚିବା ପାଇଁ ଖାଇବା ଉଚିତ ।

Q18: ଫାଙ୍କା ସମୟ ମିଳିଲେ କ'ଣ କରନ୍ତି?

Ans:- ଗୀତ ଶୁଣେ, ସିନେମା ଦେଖେ, ପୁଅ ସାଙ୍ଗେ ଖେଳେ ।

Q19: ଆପଣ ସିନେମା ଓ ବ୍ୟାଡ୍‌ମିଣ୍ଟନରେ ବି ରୁଚି ରଖନ୍ତି । ସମୟ ଓ ସୁଯୋଗ ମିଳିଲେ ଆପଣ କାହାକୁ ବାଛିବେ?

Ans:- ବ୍ୟାଡମିଣ୍ଟନ

Q20: ଆପଣଙ୍କର କିଛି ଆଶା ଯାହା ଏବେ ବି ଅପୂରଣୀୟ ହୋଇ ରହିଛି?

Ans:- ରୋଷେଇ ପଛରେ ଥିବା ବିଜ୍ଞାନ ଉପରେ ଗୋଟେ ବହି ଲେଖିବାର ଇଚ୍ଛା ଅଛି ।

ଧନ୍ୟବାଦ ଆଜ୍ଞା ! ସବୁତକ କୁଷ୍ଣାଣ୍ଡିଆ କୁଶ୍ଚେନର ଧୈର୍ଯ୍ୟର ସହ ଉତ୍ତର ଦେଇ ଥିବାରୁ !



ମୋ ଗାଁ


ଚିତ୍ତରଂଜନ ବାରିକ

ପୂର୍ବାକାଶେ ବାଳରବି ଅପରୂପ ଉଷା ଛବି
ଆଙ୍କି ଦେଇଅଛି ଯେହ୍ନେ ମାନସ ହସ୍ତେ,
ବିଛାଇ କଂସାରି ଲତା ଶେଫାଳୀ ଶିଶିର ସ୍ନାତା
କରେ ସେ ଉଷା ବନ୍ଦନା ଆନନ୍ଦ ଚିତ୍ତେ,
ହାତେ ଧରି ଔସୁକ୍ୟ ମୋତି
ଅନୁପଲା ଦେଖାଏ ତା' ବାସଲ୍ୟ ପ୍ରୀତି ।୧।

ପଶ୍ଚିମୁ ଆଦ୍ୟ ପାଇକା ତୀରରେ ହସଇ ମକା
କ୍ଷେତ ଦିଶେ ଯେହ୍ନେ ଛାୟା ମିଶ୍ରିତ ଛବି,
ନବବଧୂ ସ୍ନାନ ସାରି ଲାଜକୁଳି ଲତା ପରି
ଯାଆନ୍ତି ନିଜ କୁଟିରେ ବିଭୁଙ୍କୁ ଭବି,
ଅଗଣାରେ ଚିହ୍ନ ପାଦର
ସେହି ପାଦ ଚିହ୍ନ ଅଟେ ଗ୍ରାମଲକ୍ଷ୍ମୀର ।୨।


ଧର୍ମପୀଠ ବେଲବଣେ ଉତ୍ତରରେ ମନ ଜିଣେ
ପାଖେ ଧାନ କ୍ଷେତ ତା'ର ପଣତ କାନି,
ସୂର୍ଯ୍ୟମୁଖୀର ଚାହାଣୀ ମନ୍ଦିରରୁ ଶଙ୍ଖ ପୁଣି
ଅତିଥୀ ଚର୍ଚ୍ଚାରେ ଅଟେ ସେ ତେଜସ୍ୱିନୀ,
ଡାକିଦେଇ କାକର ସ୍ୱରେ
ତନ୍ଦ୍ରାତୁର ପିଲାଙ୍କୁ ତା' ଜାଗ୍ରତ କରେ ।୩।

ପାଇକା ନଦୀ ଦକ୍ଷିଣେ ତୀରେ ସ୍ୱର୍ଣ୍ଣରେଣୁ ବୁଣେ
ବାଣ୍ଟିଦେଇ ତା' ଅମୃତ ସନ୍ତାନ ହିତେ,
କୂଳେ କାଶତଣ୍ଟି ଉଭା ଆହାକି ବିଚିତ୍ର ଶୋଭା
ଶରତେ ହିମ ହରିଣି ଜଗତ ନେତ୍ରେ,
ଶିରେ ପିନ୍ଧି କାଶଗଜରା
ଅନୁପଲା ଗାଏ ଗୀତ ଆବେଗ ଭର ।୪।



1st Odia Book
Available on Kindle

Buy Now!



ଆଜିବି ମନେ ପଡ଼ନ୍ତି...

ରଚନା: ସିନ୍ଧୁଜ୍ୟୋତି ତ୍ରିପାଠୀ

ଗୀତିକବି ରସରାଜ ନାରାୟଣ ପ୍ରସାଦ ସିଂହ

ପ୍ରାୟ ଚାରି ଦଶନ୍ଧି ଧରି ଲକ୍ଷ ଲକ୍ଷ ଶ୍ରୋତାଙ୍କୁ ନିଜର ମିଠା ମିଠା ଗୀତ ମାଧ୍ୟମରେ ବାନ୍ଧିରଖିଥିଲେ, ଗୀତିକବି 'ରସରାଜ' ନାରାୟଣ ପ୍ରସାଦ ସିଂହ । ୧୯୩୩ ମସିହାର ମେ ମାସ ୨୮ ତାରିଖରେ କଟକ ଜିଲ୍ଲାର ଅସୁରେଶ୍ୱର ଅନ୍ତର୍ଗତ କୋଇଲରେ ଜନ୍ମ ହୋଇଥିଲେ ସେ । ପିତା ଥିଲେ ବିହାରୀ ଲାଲ ସିଂହ ଏବଂ ମାତାଙ୍କ ନାମ ଥିଲା ସରୋଜିନୀ ଦେବୀ ।

ଅସୁରେଶ୍ୱର ସ୍କୁଲ୍‌ରେ ପଢ଼ିବା ସମୟରେ ସାହିତ୍ୟ ଶିକ୍ଷକ ଗୋଲକ ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ, କବିତା ଲେଖିବା ଆରମ୍ଭ କରିଥିଲେ ସେ । 'କବିଚନ୍ଦ୍ର' କାଳୀଚରଣ ପଟ୍ଟନାୟକଙ୍କ ସଂସ୍ପର୍ଶରେ ଆସି କବିତାକୁ ଗୀତରେ ପରିଣତ କରିବା ବିଦ୍ୟା ଶିକ୍ଷା କରିଥିଲେ ।

ନାରାୟଣ ପ୍ରସାଦ ସିଂହ ୧୯୬୦ ମସିହାରେ 'ଆକାଶ ବାଣୀ'ରେ ଗୀତିକବି ଭାବେ ସ୍ୱୀକୃତି ପାଇଥିଲେ । ୧୯୬୨ରେ 'ନୂଆବୋଉ' ଚଳଚ୍ଚିତ୍ରରେ ପ୍ରଥମଥର ପାଇଁ ଗୀତ ଲେଖିବାର ସୁଯୋଗ ମିଳିଥିଲା ତାଙ୍କୁ । ତାଙ୍କର ପ୍ରଥମ ଚଳଚ୍ଚିତ୍ର ଗୀତଟି ଥିଲା- 'ରଥ ଯାଆ ଚାଲିଯାଆ' ।

ଏହା ପରେ 'ମାଣିକ ଯୋଡ଼ି', 'ଅମଡ଼ାବାଟ', 'ନବଜନ୍ମ', 'ଜୀବନସାଥୀ', 'ଅଭିନେତ୍ରୀ', 'ଭାଇ ଭାଉଜ', 'କିଏ କାହାର', 'ସ୍ତ୍ରୀ', 'ଅଲିଭା ଦାଗ', 'ଅଦିନ ମେଘ', 'ଧରିତ୍ରୀ', 'ଘର ସଂସାର', 'ମନ ଆକାଶ', 'ରକ୍ତ ଗୋଲାପ', 'ପରିବାର', 'ଶଙ୍ଖ ମହୁରି', 'ଚିହ୍ନା ଅଚିହ୍ନା', 'ମଥୁରା ବିଜୟ', 'ଜୟ ମାଆ

ମଙ୍ଗଳା', 'ସୁବର୍ଣ୍ଣ ସୀତା', 'କାବେରୀ', 'ମାଣିକ', 'କସ୍ତୁରୀ' ଆଦି ଚଳଚ୍ଚିତ୍ର ପାଇଁ ଗୀତ ଲେଖିଥିଲେ ସେ ।

'ଜୀବନ ଯମୁନାରେ ଜୁଆର ଉଠେରେ', 'ସାଥୀରେ ଆମ ଗୀତିରେ', 'ଛାଡ଼ ଛାଡ଼ ମୋର ଅଞ୍ଚଳ', 'ଚୋରା ଚୋରା ପ୍ରୀତି ଆସ ସାଥୀ', 'ମନର ମଣିଷ ଯଦି ସପନ ଟିକିଏ', 'ଦେଲେ ଧରା କଥା ସରେ', 'ଶୁଭକାମନା ଘେନ' ଆଦି ତାଙ୍କର କିଛି ଅଭୁଲା ଚଳଚ୍ଚିତ୍ର ଗୀତ ।

ତାଙ୍କର କବିତାଗୁଡ଼ିକ ଦଶରୁ ଅଧିକ ପୁସ୍ତକ ଆକାରରେ ପ୍ରକାଶିତ । 'ପ୍ରୀତି ପ୍ରଜାପତି', 'ଠିଆ ପୁଚି ନାରଙ୍ଗ', 'ଦୁଇ ଆଖିର କବିତା', 'ବନ୍ଧୁଭରା ବସୁନ୍ଧରା', 'ମେଘଫଗୁଣ' ଆଦି ତାଙ୍କର କବିତା ସଂକଳନ । ତାଙ୍କର ପ୍ରସିଦ୍ଧ କଥାଚିତ୍ର ଗୀତଗୁଡ଼ିକ 'ଚିତ୍ରଗୀତି'ରେ ସଂକଳିତ ।

କର୍ମମୟ ଜୀବନରେ ସେ ଥିଲେ ସରକାରୀ ଚାକିରିଆ । ଆଜୀବନ ଗୀତ ରଚନାକୁ ପ୍ରାଧାନ୍ୟ ଦେଇଥିଲେ । ୨୦୦୩ରେ ନାରାୟଣ 'ଓଡ଼ିଶା ସାହିତ୍ୟ ଏକାଡେମି' ପୁରସ୍କାର ପାଇଥିଲେ । ୬ ଜୁନ୍ ୨୦୧୮ରେ ଭୁବନେଶ୍ୱରରେ ତାଙ୍କର ପରଲୋକ ହୋଇଥିଲା ।





ବୋଉ କଥା ମନେପଡ଼େ

ଦେବବ୍ରତ ବାରିକ

ମୋ ବୋଉ ପଣତ ଶ୍ରୀ ମନ୍ଦିର ନେତ
ଦିଏ ସେ ଶୀତଳ ଛାୟା
ସେ ପଣତ ତଳେ ନଥାଏ ତ ଡର
ଆସୁ ଯେତେ ଝାଞ୍ଜି ବାଆ ।।

ରାତିରେ ବେଶି ସେ ପାରେ ନାହିଁ ଶୋଇ
ରହିଯାଏ କାମେ ବାନ୍ଧି
ଆମ ସଭିଙ୍କ ମନ ଜିତି ନିଏ ପରା
ନାନା ପ୍ରକାରର ରାନ୍ଧି ।।

ମୋ ବୋଉ ମମତା ହୃଦ ନୀରବତା
ହୃଦୟ ପବିତ୍ର ଗୀତା
ତା' ସ୍ନେହ ପରଶ ମୋ ପାଇଁ ଚନ୍ଦନ
ହୃଦେ ଭରେ ଶୀତଳତା ।।

ଦିନ ରାତି ନାହିଁ କାମ କରୁଥାଇ
ସକାଳରୁ ସଞ୍ଜ ଯାଏ
ଦୁଃଖ ଓ କଷ୍ଟକୁ ଭୁଲାଇ ଦିଏ ସେ
ଓଠେ ହସ ଭରି ଥାଏ ।।

ସମୟର ଶେଷ ପରିଶ୍ରମ ପରେ
ଥକେ ନାହିଁ କେବେହେଲେ
ଅଭାବ ସାଥୀରେ ଯୁଦ୍ଧ କରୁଥାଏ
ଚାଲେ ତା' କର୍ମ ପଥରେ ।।

କେତେ କେତେ ଥର ଦେଖେ ମୁଁ ଯେ ତାକୁ
ସବୁ ବେଳେ ଲାଗେ ନୂଆ
ମନେପଡ଼େ ଆଜି ବୋଉ କଥା ମୋର
ତା'ର ସେ ଅମୃତ ଛୁଆଁ ।।

(ସମ୍ପାଦକ :ପ୍ରୀତି ପ୍ରଣତି)



ଲଣ୍ଠନ

ଆଶିଷ କୁମାର ସ୍ୱାଇଁ


ସୂର୍ଯ୍ୟ ଲାଲ ରୂପ ଧାରଣ କରି ପର୍ବତ ଶିଖରେ ବୁଡ଼ିଗଲେ, ସୁଲୁସୁଲିଆ ସୁଶୀତଳ ପବନ ବହି ଚାଲେ । ମନ ଆନନ୍ଦରେ ପୂରି ଉଠେ । ସୁନ୍ଦର ସୁଶୋଭିତ କଳାହାଣ୍ଡିଆ ରୂପଧାରଣ । ଯେ ଯାହା ସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ । ଭିନ୍ନ ରୂପ ଭିନ୍ନ ଧ୍ୱନି ସହ ସନ୍ଧ୍ୟା ଆଗତ । ଝୁମ୍ପୁଡ଼ି କୁଡ଼ିଆ । କୁଡ଼ିଆ ଭିତରେ କେଇଟା ପ୍ରାଣୀ । ଚତୁଃପାର୍ଶ୍ୱ ଘନ ଅନ୍ଧକାରମୟ ଆଉ ସେହି ଅନ୍ଧକାର ଭିତରେ ଭ୍ରମର ପରି ଶବ୍ଦ । ସେମାନେ କୁହନ୍ତି, ଶବ୍ଦ ବି କୁହେ । ଏମିତିକା ଦୃଶ୍ୟ ମୋତେ ଭଲ ଲାଗୁନି । ଖୋଜ ତାକୁ... ଖୋଜ ତାକୁ...। ଖୋଜନ୍ତି ଏବଂ ଖୋଜିବାରେ ଲାଗିପଡ଼ନ୍ତି । ଅନ୍ଧାରେ ହାତ ଚଳଚଞ୍ଚଳ ହୋଇଉଠେ । ସତେ ଅବା ସବୁ ଦେଖିପାରେ ! କିନ୍ତୁ ଦେଖିପାରେନା । ବାରି ବାରି ଚାଲେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପଥରେ ପହଁଞ୍ଚିବା ପାଇଁ । ବୁଦ୍ଧିର ସହ ଅଣ୍ଟା ଭିଡ଼େ । ବଜ୍ର ଶପଥ ନିଏ । ଜାଣିନଥାଏ ଜିତିବ କି ହାରିବ । କିନ୍ତୁ ବାରି ଚାଲୁଥାଏ । ଆଗକୁ ଆଗକୁ ମାଡ଼ି ଚାଲୁଥାଏ । ସବୁକିଛି ପାଏ । ଯାହାକୁ ଖୋଜେ ତାକୁ ପାଏନା । ଚାଲେ ଲୁଚକାଳି ଖେଳ, କିନ୍ତୁ ଖୋଜିବା ଡୋରି ବନ୍ଧା ପଡ଼େନା । ଯାହାକୁ ଖୋଜନ୍ତି, ସେ ଚାହିଁଥାଏ । କହୁଥାଏ ମୋତେ ନିଅ ଏବଂ ମୋତେ ଆପଣାଅ । ଏମିତିକା ଦୃଶ୍ୟ ଦେଖି ମୁରୁକି ମୁରୁକି ହସୁଥାଏ ସେ । ଭାବୁଥାଏ ଲୁଚକାଳି ଖେଳ ଭାରି ଭଲ । ମଜା ଏବଂ ଆନନ୍ଦଦାୟକ । ଆଉଟିକେ ମଜା ନେବା । ମନେହୁଏ ମଣିଷଟା

ଆଜି ହାରିଯିବ କି? ପୁଣି ଭାବେ ସେ ବୁଦ୍ଧିଆଟା ଏବଂ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ । ସେ ନିଶ୍ଚିତ ଜିତିଯିବ । ସେ କିନ୍ତୁ ଇସାରା ଇଙ୍ଗିତ କରୁଥାଏ, ମୁଁ ସବୁଦିନ ଯେଉଁଠି ଥାଏ ଆଜିବି ସେଇଠି । ସଜ୍ଜିତ, ସୁରକ୍ଷିତ । ମୁଁ ଜାଣିଥିଲି ଏବଂ ଶୁଣିଥିଲି ମଣିଷଟା ସ୍ୱାର୍ଥପର । ବାସ୍ତବିକ ସତରେ ମଣିଷଟା ସ୍ୱାର୍ଥପର । ଦିନବେଳେ ମୋ କଥା ମନେ ପଡ଼େନା କି ମୋତେ ଖୋଜେନା । ଅନ୍ଧାର ଘୋଟିଗଲେ ମୋତେ ଖୋଜିବୁଲେ । ତଥାପି ମୋ ଧର୍ମ ମୁଁ ବଜାଇ ରଖେ । ଜନସମାଜର କଲ୍ୟାଣ ସାଧିତ ନିମନ୍ତେ । ସତରେ ବନ୍ଧୁ ମୋତେ ଜାଣିଛ? ମୁଁ କିଏ କହିଲ?? ଦାଣ୍ଡ ଦୁଆରେ ସଦାସର୍ବଦା ଝୁଲୁଥାଏ । ସାଇତା ଟଙ୍ଗା ଅନ୍ଧାରକୁ ଆଲୋକରେ ଭରିଦଏ... ମୁଁ ଲଣ୍ଠନ ।

- ବିଜ୍ଞାପନ -

ଉଇନିକୋଡ୍‌ରୁ ଆକୃତି କନ୍‌ଭର୍ଟର୍

ଆଜି ହିଁ ବ୍ୟବହାର କରନ୍ତୁ ନିମ୍ନରେ ଥିବା ଟୁଲ୍‌ଟି, କେବଳ ଗୋଟିଏ କ୍ଲିକ୍‌ରେ କନ୍‌ଭର୍ଟ କରିବା ପାଇଁ ।
ସେହିଭଳି ଆପଣ ଚାହିଁଲେ ଇଉନିକୋଡ୍‌ରୁ ମଧ୍ୟ ଆକୃତିକୁ କନ୍‌ଭର୍ଟ କରିପାରିବେ କେବଳ ଗୋଟିଏ କ୍ଲିକ୍‌ରେ ।





ଶୂନ୍ୟତାର ପରିଭାଷା


ଡ. ସୌମ୍ୟବ୍ରତ ପଣ୍ଡା

ଯଦି ଭାବୁଥାନ୍ତି ଆପଣ
ଶୂନ୍ୟତାର ଅର୍ଥ ଯେ ଖାଲି ନୀରବତା
ତେବେ କାଢ଼ିଦିଅନ୍ତୁ ଏ ଭାବନା
ଆପଣଙ୍କ ମନରୁ
କାହିଁକି ନା ହୃଦୟର ଗଭୀରତା ବି
ହେଇପାରେ ଶୂନ୍ୟତାର ପରିଭାଷା...(୧)

ମନର ଅବ୍ୟକ୍ତ ଭାବନାର
ହୃଦୟର ଅଲୋଡ଼ା କାହାଣୀର
ଭାଷା ଯେ ଶୂନ୍ୟତା
କଥା କହିପାରୁନଥିବା
ଜଣେ ଅସହାୟ ମଣିଷର ସାଥି ଏ
ଶୂନ୍ୟତା...(୨)

ଜଣେ ବିଫଳ ପ୍ରେମିକର
ପ୍ରେମିକା ଯେ ଶୂନ୍ୟତା
କିଛି ବିଷାଦ କିଛି ସ୍ମୃତିର ନଈ
ଭାବନାର ଅଙ୍କାବଙ୍କା ପଥ
ପୁଣି କେବେ ଭୟର ବାସ୍ତବ ରୂପ ଏ ଶୂନ୍ୟତା...(୩)

ପ୍ରଥମ ଭଲପାଇବାର ଛବି ଏ ଶୂନ୍ୟତା
ଅଶାନ୍ତ ମନର ସଂଜୀବନି
ଶାନ୍ତିର ପ୍ରତିଧ୍ୱନି
ଜୀବନର ପରିପୂର୍ଣ୍ଣତାର ଭାଷା
ନିରାଶାର ବେଳାଭୂମିରେ ଆଶାର ମୋତି
ଆଉ
ଭସା ବାଦଲ ଉହାଡ଼ରେ ଲୁଚକାଳି ଖେଳୁଥିବା
ଅଂଶୁମାନଙ୍କ ଅଂଶୁ ଏ ଶୂନ୍ୟତା...(୪)



ଅଫେରା ଚିଠି

ସ୍ୱୀଟି ଦାସ

ପ୍ରିୟ ଗୌତମ,

ତମେ ଭଲ ଆଛ ତ? ଅଶାକରେ ତମେ ସେଠାରେ ଭଲରେ ଥିବ । ଘରେ ବି ସମସ୍ତେ ଭଲରେ ଅଛନ୍ତି କିନ୍ତୁ ବାପାଙ୍କର ଟିକେ ଉଚ୍ଚ ରକ୍ତ ଚାପ ଯୋଗୁଁ ଦେହ ଅସୁସ୍ଥ ଅଛି । ତମେ ଜମା ଚିନ୍ତା କରନି, ମୁଁ ତାଙ୍କୁ ଠିକ ସମୟରେ ମେଡ଼ିସିନ୍ ଦେଇଦେଉଛି । ଆଉ ତମ ଝିଅ ଶ୍ରେୟା ଏବେ ନୂଆ ନୂଆ ସ୍କୁଲ ଯାଉଛି । ସେ ତମକୁ ବହୁତ ମିସ କରୁଛି । ଆଉ ଜାଣିଛ, ଗାଁ, ସାଇପଡ଼ିଶା, ବାପା, ମାଆ, ଘର ପରିବାର ସମସ୍ତଙ୍କ ଛାତି ଆଜି ବି ଗର୍ବରେ ଫାଟି ପଡୁଛି । କାରଣ ତାଙ୍କ ପୁଅ ଦେଶ ପାଇଁ ଶହୀଦ ହୋଇଯାଇଛି । କିନ୍ତୁ ତମ ଝିଅର କାନ୍ଦିବା ସ୍ୱର ଏବେବି ତା' ରୁମରୁ ଶୁଣାଯାଉଛି । ଚେଷ୍ଟା କରୁଛି ତାକୁ ବୁଝେଇବା ପାଇଁ, ହେଲେ ସେ କ'ଣ ବୁଝିବ ! ପାପା କେବେ ଆସିବେ ବୋଲି ଧରି ଜିଦ୍ ଧରି ବସିଛି ଯେ ବସିଛି । ମୁଁ ତାକୁ କହିଦେଇଛି ତୋ ବାବା ତୋ ମା' ପରି ଆଉ ଜଣେ ମା'ର ସେବାରେ ଯାଇଛନ୍ତି ଆଉ ସେ ହେଉଛନ୍ତି ଭାରତ ମା' ।

ତମେ ଠିକ କହୁଥିଲ, ବୟସ ବଢ଼ିବା ସହ ତା ଜିଦ୍ ଧୀରେ ଧୀରେ ବଢ଼ିବାକୁ ଲାଗୁଛି । ଘରେ ତ ସମସ୍ତଙ୍କ ନଜର ତମ ସମ୍ପତ୍ତି ଉପରେ । ତମ ନିଜ ଭାଇ ବି ଅନେକଥର ଭାଗବଣ୍ଟା କଥା ଉଠେଇ ସାରିଲେଣି । ଆଉ ସରକାରଙ୍କଠୁ ମିଳିଥିବା ଅନୁଦାନକୁ ମଧ୍ୟ ସେମାନେ ଘର ଖର୍ଚ୍ଚରେ ଲଗେଇସାରିଲେଣି । ମା' ବି ସେମାନଙ୍କ ସପକ୍ଷ ନେଇ ମୋତେ ନିର୍ଯାତନା ଦେବା ଆରମ୍ଭ କଲେଣି

। ତମେ ଚାଲିଯିବାର ସାମାନ୍ୟ ଦୁଃଖ ମୋତେ କାହା ଆଖିରେ ଦେଖିବାକୁ ବି ମିଳୁନାହିଁ । ଯେଉଁ ଭଲ ପାଇବା ଓ ଆନ୍ତରିକତାରେ ଏ ପରିବାର ଦିନେ ଗଢ଼ି ଉଠିଥିଲା ତାହା ମୋତେ ଏବେ ଦୁର୍ବିସହ ହେବାରେ ଲାଗିଲାଣି । ମୋ ନିଜ ବାପାମା' ବି ଏଥିରୁ ବାଦ୍ ପଡ଼ିନାହାଁନ୍ତି । ସେମାନେ ମୋତେ ଦ୍ୱିତୀୟ ବିବାହ କରିବାକୁ ବାଧ କରୁଛନ୍ତି । ତମେ ନିଜେ କୁହ ! ଜଣଙ୍କ ମଥାରେ ହୁଏତ ଆଉ ଥରେ ସିନ୍ଦୁର ଭରାଯାଇ ପରେ କିନ୍ତୁ ଖୁସି କ'ଣ ଆଉ ଥରେ ଭରା ଯାଇପାରେ??

ଏବେ ତ ମୁଁ ସମସ୍ତଙ୍କ ପାଇଁ ଯେମିତି ବୋଝ ହୋଇଯାଇଛି । ସମସ୍ତଙ୍କ ଅନ୍ୟାୟ ଅତ୍ୟାଚାର ମୁଁ ଆଉ ସହିପାରୁନି ଗୌତମ ! କିନ୍ତୁ ତମେ ମୋ ପାଇଁ ଜମା ବି ଚିନ୍ତା କରନି । ତମେ ମୋ ପାଖରେ ନାହଁ ତ କ'ଣ ହେଲା, ତମ ଶେଷ ସନ୍ତକ ଶ୍ରେୟା ତ ଅଛି ନା ! ତା'ର ସେହି ନିରୀହ ଆଉ କମନୀୟ ମୁହଁ ଦେଖି ମୁଁ ସବୁ କିଛି ଭୁଲିଯାଉଛି । ଘର ଜଞ୍ଜାଳରୁ ଟିକେ ମୁକ୍ତି ପାଇବା ପାଇଁ ଆଜି ଟିକେ ପାର୍କ ଆଡ଼େ ବୁଲି ଯାଇଥିଲି । କିନ୍ତୁ ପାର୍କର ପ୍ରତେକ ଗଛ, ଲତା, କୋଣ ଅନୁକୋଣ ଯେମିତି ଆମର ସେହି ପୁରୁଣା ସ୍ମୃତିକୁ ମନେ ପକେଇବା ପାଇଁ ମୋତେ ବାଧ କରୁଥିଲା ! ପାର୍କର ସେହି ବରଗଛ ତଳେ ଆମେ କେତେ ଯେ ସ୍ମୃତି ସାଉଁଟି ଥିଲେ, ତାହା ଆଜି ମୋର ମନେ ପଡ଼ିଯାଉଛି । ମୁଁ ଯେବେ କିଛି ସମୟ ପାଇଁ କଥାବାର୍ତ୍ତା ବନ୍ଦ କରିଦେଉଥିଲି ତମେ କହୁଥିବା 'ରାଗିଛ କି?' ଏବେ ଆଉ ଶୁଣିବାକୁ ମିଳୁନି । ସେଦିନର ସେ କଥା ଆଜି ମନେ ପଡ଼ିଯାଉଛି । ଇଚ୍ଛା ତ ହେଉଛି ପୁଣି ରୁଷିବାକୁ, କିନ୍ତୁ ରୁଷିଲେ କ'ଣ ହେବ? କୋହ କେବଳ ହୃଦୟରେ ଜମାଟ ବାନ୍ଧିବ ସିନା ହେଲେ ଏ ଅଭିମାନକୁ କିଏ ବୁଝିବ???

ମୁଁ ଯେତେବେଳେ ପାର୍କରୁ ଫେରି ବସ୍‌ଷ୍ଟାଣ୍ଡ ଆଡ଼େ ଗଲି, ଅଦିନିଆ ମେଘଟା କେଉଁଠି ଥିଲା କେଜାଣି ହଠାତ ମାଡ଼ିଆସିଲା । ତମର ମନେ ଅଛିନା, ଠିକ ଏହି ବସଷ୍ଟାଣ୍ଡରେ ସେଦିନ ମେଘଟା ମାଡ଼ିଆସିଥିଲା । ମୁଁ ବ୍ୟସ୍ତ ହୋଇପଡୁଥିବା ବେଳେ ତୁମେ ବେଫିକର ଭାବେ ବର୍ଷାକୁ ଅଶେଷ ଧନ୍ୟବାଦ ଦେଇଥିଲ । ମୁଁ କିନ୍ତୁ ଚିଡ଼ି ଯାଇ କହିଥିଲି, "just stop it!" ଆଉ ମୋ ବ୍ୟସ୍ତତା ଦେଖି ତୁମେ କହିଲ, "ବର୍ଷା ବି ଚାହୁଁଛି ବୋଧେ ଆମେ ଅଧିକ ସମୟ ବିତାଉ ।" ମୁଁ ଠିଆ ହୋଇ ରହିଲି କିଛି ସମୟ । ବାହାରେ ବର୍ଷାର ଗର୍ଜନ କିନ୍ତୁ ଆମ ଦୁହିଁଙ୍କ ଭିତରେ ପ୍ରଚଣ୍ଡ ନୀରବତା । ପ୍ରକୃତି ଓ ଆମ ଭିତରର ନୀରବତା ଭିତରେ ତମେ ଜାବୁଡ଼ି ଧରିଲ ମୋର ହାତକୁ । କେଜାଣି କାହିଁକି ସେଦିନ

ମୁଁ ପ୍ରତିବାଦ କରିପାରିଲିନି । ସେଦିନର ସେହି ଅଦିନିଆ ବର୍ଷା ଓ ଅତୀତର ସ୍ମୃତି ମୋତେ ଆଜି ବାରମ୍ବାର ଭିଜିବା ପାଇଁ ବାଧ କରୁଛି । ଆଉ ରହି ରହି ମୋ ଭିତରେ ଗାଇ ଉଠୁଛି,

"ଅଦିନିଆ ମେଘର ସେ ଶୂନ୍ୟତାର ଧରା
ଅତୀତର ପୃଷ୍ଠାକୁ ଭିଜେଇ ମନକୁ କରେ ନିଆରା ।।
ତମର ସେ ମର୍ମସ୍ପର୍ଶୀ ଛିଟା ହୃଦୟରେ ଭରିଦିଏ ମହକ,
ଅଫେରା ସ୍ମୃତିକୁ ସାଉଁଟି
ମନରେ ଖେଳାଇ ତାକୁ କରେ ଭାବୁକ... ।।"

ଆମେ ଯାଇଥିବା ପ୍ରତେକଟି ସ୍ଥାନରେ ମୁଁ ଆଜି ତମକୁ ପାଗଳଙ୍କ ପରି ଖୋଜି ବୁଲୁଛି, ହେଲେ ସମୟ ସହ ତ ଆଜି ସବୁ କିଛି ବଦଳି ଯାଇଛି । ଏଇ କିଛି ଦିନ ହେଲା ତମେ କାହିଁକି ଯେ ମୋ ସ୍ୱପ୍ନରେ ଆସୁନାହଁ ମୁଁ ବୁଝିପାରୁନି । ତମେ କ'ଣ ମୋ ଉପରେ ରାଗିଛ? ନା ଅଭିମାନ କରିଛ?? ଘରୁ ଯୁଦ୍ଧକ୍ଷେତ୍ରକୁ ଗଲାବେଳେ ତମର ସେହି ଶେଷ ଆଲିଙ୍ଗନ ଆଜି ବି ମୋର ମନେ ଅଛି ।

ଶ୍ରେୟାର ଦାୟିତ୍ୱ ତୁଲାଇ ମୁଁ ନିଶ୍ଚିତ ତମ ପାଖକୁ ଯିବି । ଆଉ ହଁ, ଖବରଦାର ! ସେଇଠି କେଉଁ ଉର୍ବଶୀ, ରମ୍ଭା, ମେନକାଙ୍କ ପ୍ରେମରେ ପଡ଼ିବନି । ସେତେଦିନଯାଏଁ ମୋ ଅପେକ୍ଷାରେ ଥିବ । ନହେଲେ ମୁଁ ରାଗିଯିବି ଆଉ ତମ ସହ କଥା ହେବିନି କହିଦେଉଛି ।

ଇତି,
ତମ ସ୍ୱପ୍ନା



Odia Vlogs on YouTube
Odia Vlogger Gapu
click here to go



ପ୍ରେମ ଉପହାର

ଆଶୁତୋଷ ମେହେର

ଫୁଲ ଉପହାର ଦେଲ ସିନା ସଖୀ
କଣ୍ଟା ଫୋଡ଼ିଗଲା ହାତେ,
ଫୁଲ ଝାଉଁଳିଲା ରଙ୍ଗ ଉଡ଼ିଗଲା
ଦାଗ ରହିଗଲା ସତେ ।।

କଣ୍ଟା ଫୁଲେ ଥିଲା ତୁମ ଦୋଷ କ'ଣ
ତା'ରି ରଙ୍ଗେ ମନ ତୋଷ
ସେଇ କଥା ଏକା ହୃଦୟରେ ଭରେ
ରହି ହୁଏ ଅବଶୋଷ ।।

ସେ ଫୁଲ ପାଖୁଡ଼ା ପରଶେ ଲାଗଇ
ସତେ କିବା ହୃଦ ତୁମ
ସୁଗନ୍ଧରେ ଭରା ଭୁରୁ ଭୁରୁ ବାସ
ମହକେ ପ୍ରେମିକା ନାମ ।।

ଦାଗ ଲଭିବାରେ ସମୟ ବିତିବ
ସ୍ମୃତି ଫର୍ଦ୍ଦେ ହେବ ଲେଖା
କେଉଁ ରାଇଜରେ ଭେଟ ହେବା ଯେବେ
ଶେଷଥର ପାଇଁ ଦେଖା ।।

Listen Thme Song of
Shubhapallaba
on YouTube & Facebook



ଘରକୁ ବାହାଘର ପରେ ପ୍ରଥମଥର ବୁଲିବାକୁ ଆସିବେ ନଣନ୍ଦ ଓ ତାଙ୍କ ସ୍ୱାମୀ । ସେଥିପାଇଁ କେତେ କ'ଣ ଆୟୋଜନ । ଶାଶୁ ମଣିମାଳାଙ୍କ କଡ଼ା ତାଗିଦ, ସବୁ ଯେମିତି ଠିକରେ ହବ । ଚାରିଦିନ ଆଗରୁ ଘର ସଜାଡ଼ି ସବୁ ଜିନିଷକୁ ସଜାଡ଼ି ରଖିଚି ରୁଚି । ରୋଷେଇର ଲମ୍ବା ଲିଷ୍ଟ । ସବୁ ତାକୁ କରିବାକୁ ହବ । ଯାହା ଜିନିଷ ଆସିବ ଚିଠା କରି ରଖିଛି ସେ । ଘର ବୋଲି କେତେ କାମ, କହିବାକୁ କେତେ ସମୟ ବା ଲାଗେ !!!

"ଘରେ ଲୋକ ଚାରିଟା, କାମ କ'ଣ ଯେ, ଖାଲି ଦି'ଟା ଫୁଟେଇ ଖାଇବା କଥା" । ଯେ କରେ ସେ ଜଣେ କାମ କ'ଣ...

ଯେତେବେଳେ ରୁଚି ଆସିଥିଲା ନୂଆ ହେଇ ଶାଶୁଘରକୁ, ନା ନିଜ ଘର ଭାବି ଶାଶୁ ଘରକୁ, ସେ ସବୁ କେବଳ ଭାବନାରେ ରହି ଯାଇଛି । ସେ ସିନା ସମସ୍ତଙ୍କୁ ଆପଣେଇ ନେଇଛି ହେଲେ ସେ କାହାର ନିଜର ହେଇ ପାରିନି । କାହିଁକି ନା ଚିରାଚରିତ ସମାଜର ନିୟମ ଏଇଆ କି ଗୋଟେ ନାରୀ ଆଉ ଗୋଟେ ନାରୀର ଶତ୍ରୁ । ଶାଶୁମାନଙ୍କ ପାଇଁ କେବଳ କଥାରେ ବୋହୂ ଝିଅ, ପ୍ରକୃତରେ ନୁହେଁ ।

ପ୍ରଥମେ ଏଠି କାମ କରିବାକୁ ଲୋକଟେ ଆସୁଥିଲା, ଶାଶୁ ତାକୁ ମନା କଲେ । କହିଲେ "ତୁ କାହିଁକି ଆସିବୁ, ବୋହୂ ତ ଆସିଲାଣି । ଘରେ କାମ ବା କ'ଣ ଯେ !" ସେଦିନୁଁ ସେ ଅସିଲାନି

। କିନ୍ତୁ ପୁଅକୁ କୁହାଗଲା, ତା'ର କ'ଣ କମ କଥା? କହୁଛି ଟଙ୍କା କମ ଦଉଚ । ବାସ୍ତବ କଥା ଶୁଣିଥିଲା କେବଳ ରୁଚି । ବୋହୂ ନୁହେଁ ସେ ନିଜେ ଥିଲା ଘରର କାମବାଲି...

ରୁଚି ମଧ୍ୟବିତ୍ତ ପରିବାରର ଝିଅ । ଦେଖିବାକୁ ଏତେ ସୁନ୍ଦର ନୁହେଁ କି ଅସୁନ୍ଦର ନୁହେଁ ମଧ୍ୟ । ଆଙ୍କି ଦେବା ପରି ଓଠ ଓ ଆଖି । ଯିଏ ଦେଖେ ତା' ପାଖେ ଟିକେ ଅଟକି ଯାଏ । ଯେବେ ବାହାଘର ପ୍ରସ୍ତାବ ଆସିଥିଲା, ପ୍ରଥମ ଦେଖାରେ ସମସ୍ତେ ରାଜି ହୋଇ ଯାଇଥିଲେ । ବଡ଼ ଘରକୁ ଗୋଟେ ବୋଲି ପୁଅ । ଏଥିରେ କିଏ ବା କାହିଁକି ଅରାଜି ହବ !! ଶଶୁର ନିଜେ ରୁଚି ବାପାଙ୍କ ହାତ ଧରି କହିଥିଲେ, "ସମୁଦୀ ମୋର ଝିଅ ଦରକାର । ରୁଚି ମୋ ଝିଅ ହୋଇ ଯିବ ବୋହୂ ନୁହେଁ ।"

ସେଦିନ ବାହାଘର । ଘରେ ବନ୍ଧୁ ବାନ୍ଧବ ଭର୍ତ୍ତି । ସମସ୍ତେ ବହୁତ ଖୁସି କି ଏମିତି ଘର ମିଳିଛି ରୁଚିକୁ । ଘର ବର ସବୁ ଭଲ । କିନ୍ତୁ ଏ ଖୁସି କେଇ ମୁହୂର୍ତ୍ତରେ ବଦଳିଗଲା ଯେତେବେଳେ ଶାଶୁ ମଣିମାଳା ବୋହୂ ପାଖକୁ ଯାଇ ନିରିଖେଇ ଦେଖିବାକୁ ଲାଗିଲେ ଏବଂ ପଚାରିଲେ, "ଏସବୁ କ'ଣ ସୁନା?" "ନା ମାଆ ! ସବୁ ସୁନା ନୁହେଁ", ରୁଚିର ଛୋଟ ଉତ୍ତର । ଶାଶୁ ହାତ ଛିଞ୍ଚାଡ଼ି କହିଲେ, "ତା'ହେଲେ କାଇଁ ଲଗେଇଛୁ ଏ ସବୁ?" ହସ ସବୁ ଲୁହରେ ବଦଳି ସାରିଥିଲା । ସବୁ ଦେଖୁଥିଲେ ବନ୍ଧୁ ବନ୍ଧବ । ଏତେ ବଡ଼ ଘର ଆଉ ଏତେ ଲୋଭ !!!

ନିଜ ସମ୍ବଳକୁ ଚାହିଁ ସବୁ ଦେଇଥିଲେ ରୁଚିର ବାପା । ଯେମିତି ଝିଅକୁ କିଛି ଶୁଣିବାକୁ ନ ପଡୁ । ତଥାପି ଯାଉ ଆସୁ ଶୁଣିବାକୁ ମିଳିଥାଏ ତାକୁ... "ତାଙ୍କ ବୋହୂ କେତେ କ'ଣ ଆଣିଚି । ମୋ ଭାଗ୍ୟରେ ସେସବୁ କାଇଁ?"

ବାହାଘର ପ୍ରଥମ ଦିନରେ ବୁଝି ଯାଇଥିଲା ରୁଚି, ଶାଶୁଘର ଆଉ ନିଜ ଘର ଭିତରେ ଥିବା ପାର୍ଥକ୍ୟକୁ । ହାତରୁ ମେହେନ୍ଦି ଲିଭିନି ଚତୁର୍ଥୀ ପରେ ସବୁ କାମ ଲଦି ଦିଆଗଲା । ନୂଆ ଜାଗା ନୂଆ ଲୋକ କେମିତି ସବୁ କରିବ ଜଣା ନାହିଁ । ତଥାପି ସେ ଚୁପଚାପ ସବୁ କରିଚି । ପ୍ରତି ବଦଳରେ କେବଳ ଟିକେ ଭଲ ପାଇବା ଆଉ ସ୍ନେହ ଚାହିଁଛି ସେ । ହେଲେ ସେତକ ବି ମିଳିନି ତାକୁ ।

ରାତିରେ ସବୁ କାମ ପରେ ସଂଗ୍ରାମର ଛାତିରେ ମୁଣ୍ଡ ରଖି କାନ୍ଦିଦିଏ ରୁଚି । ସଂଗ୍ରାମ ଦୀର୍ଘଶ୍ୱାସ ନେଇ ଆଉଁଶି ଦିଅନ୍ତି ତା' ମୁଣ୍ଡକୁ । ସବୁ ଦୁଃଖ ଭୁଲିଯାଏ ସେ । ସତେ ନିଜକୁ କେତେ ଅସହାୟ ମନେ କରନ୍ତି ସଂଗ୍ରାମ !

"କେତେ ପ୍ରସ୍ତାବ ଆସୁଥିଲା ମୋ ପୁଅ ପାଇଁ । ହେଲେ ସଂଗ୍ରାମର ବାପା କ'ଣ ଦେଖି ତତେ ଠିକ୍ କଲେ କେଜାଣି ! ନା ରୂପ ନା ଯୌତୁକ କୋଉ କଥାରେ ତମେ ସମାନ?" ଶାଶୁଙ୍କ ନୀତିଦିନିଆ ଗଞ୍ଜଣା । ସବୁ ଶୁଣି ଚୁପ୍ ରୁହେ ରୁଚି । କ'ଣ ବା ଉତ୍ତର ଦେବ ସେ?

ସବୁ ନିଜେ ଶୁଣି ଆଉ ଦେଖି ଚୁପ୍ ରହେ ସଂଗ୍ରାମ । କେତେଥର ଭାବିଛି ଏ ସବୁକୁ ବିରୋଧ କରିବ... କିନ୍ତୁ କରିପାରେନି । ଯଦି କିଛି କହିଲା ତେବେ 'ସ୍ତ୍ରୀ ବୋଲକରା' ନାଁ ଦିଆଗଲା । ସେ ଚାହିଁଲେ ନିଜ ସ୍ତ୍ରୀକୁ ନେଇ ଅଲଗା ରହି ପାରିବ, କିନ୍ତୁ ସମାଜ କ'ଣ କହିବ? "ଏ ବୟସରେ ମାଆବାପାଙ୍କୁ ଛାଡ଼ିଲେ?? ରୁଚି କିନ୍ତୁ ମନା କରେ । ରାତିରୁ ଦିନ ଘର ଗୋଟାକ ଯାକର କାମ କରେ ରୁଚି । କିନ୍ତୁ କେବେ କାହାର ସ୍ନେହ ପାଇନି ସେ । କେବଳ ଶୁଣିଛି ଗଞ୍ଜଣା ।

- କ'ଣ ଶୋଇ ପଡ଼ିଲୁ ନା କ'ଣ !

କାହାର ଡାକରେ ରୁଚି ଚମକି ପଡ଼ିଲା । ସବୁ ଭାବନା ସେଇଠି ଅଧା ରହିଗଲା ।

- ନା ମାଆ ସବୁ ସଜାଡ଼ି ରଖିଚି ।

- ମୋ ପେଟ ପୂରିଗଲା ସେଇଠୁ ! ଖାଇବାକୁ ଦବୁନୁ କି?

ରୁଚି ତରବର ହୋଇ ଖାଇବା ସଜାଡ଼ି ଦେଲା । ସଂଗ୍ରାମ ଅଫିସ୍ ଯିବେ । ତାଙ୍କ ପାଇଁ ଖାଇବା କଲା । ଘରେ ଲୋକ କମ୍ କିନ୍ତୁ ପସନ୍ଦ ଅଲଗା । କିଏ କ'ଣ ଖାଇବ ସେ ହିସାବରେ କରାଯିବ । ଶାଶୁ ରୋଷେଇଘରକୁ ପଶି ଆସି କହିଲେ,

- ମନେ କରି ଆରିସା ପିଠା କରିବୁ ମୋ ଝିଅକୁ ଭଲ ଲାଗେ ।

- ଏତେ ସବୁ ପାଇଁ ସମୟ ହବନି ମାଆ ।

ଶାଶୁଙ୍କ ମୁହଁର ରଙ୍ଗ ବଦଳି ଗଲା । ରୁଚି ବୁଝି ପାରି ଚୁପ୍ ରହିଲା । ମାଂସ ତରକାରୀ, ମାଛ ବେସର, ଭଜା, ଖିରି, ପଣସ ପିଠଉ, ଆରିସା ପିଠା ଏମିତି କେତେ କ'ଣ ସବୁ ଗୋଟି ଗୋଟି କରି ସଜେଇ ରଖୁଥିଲା ରୁଚି । ସେ ଭୁଲି ସାରିଥିଲା ସକାଳୁ ଖାଇନି କିଛି ସେ ।

ନିଜକୁ ଯଥା ସମ୍ଭବ ସଜେଇ ମଣିମାଳା ବସିଥିଲେ ଦୁଆର ମୁହଁରେ । ସବୁଠୁ ଭଲ ଶାଢ଼ୀ ଆଉ ଗହଣା ପିନ୍ଧି ଝାଳରେ ଓଦା ହୋଇ ଏକା ରୋଷେଇ ଘରେ ଖଟୁଥିଲା ରୁଚି । ନା ତା'ପାଇଁ ଥିଲା ସମବେଦନା ନା ଦୟା ।

କିଏ ଆସିଲାଣି ଦେଖ ତ ! କୋମଳ ଡାକରେ ରୁଚି ବୁଝିଗଲା ନିତି ଆସିଲେନି । ଲୁଗା କାନିରେ ମୁହଁ ପୋଛି ନିଜକୁ ଟିକେ ସଜାଡ଼ି ଦେଲା ରୁଚି । ଘରର ବୋହୂ ସେ । ତାକୁ ଏମିତି ଦେଖିଲେ କିଏ କଣ ଭାବିବେ ! ଓଠରେ ହସ ଫୁଟେଇ ନିତି ଆଉ ଜୋଇଁଙ୍କୁ ପାଛୋଟି ନେଲା ରୁଚି ।

ଅତିଥି ଚର୍ଚ୍ଚାରେ ଅନେକ ସମୟ କଟିଗଲା । ସମସ୍ତଙ୍କ ଖାଇବାକୁ ବାଢ଼ି ଦେଲା ରୁଚି । ଶଶୁରଙ୍କ ପାଇଁ ଖାଇବା ନେଇ ତାଙ୍କ ରୁମରେ ଦେଇ ଆସିଲା । ରୁଚିର ହାତ ଧରି ଶଶୁର ପଚାରିଲେ, ମାଆ ତୁ ଖାଇଚୁ?" ଅଟକିଥିବା ସବୁ ଲୁହ ବୋଲ ନ ମାନି ବହି ଯାଇଥିଲା । ସବୁ ବୁଝି ଥିଲେ ଶଶୁର ଦିନକୃଷ୍ଣ ବାବୁ । "ତତେ ଝିଅ କହି ଆଣିଛି ସତ କିନ୍ତୁ ବାପାର କର୍ତ୍ତବ୍ୟ କରିନି ମାଆ । ଆଜି ଯାଏଁ ଚୁପ୍ ଥିଲି । ଏବେ ମତେ ବାପାର କର୍ତ୍ତବ୍ୟ କରିବାକୁ ଦେ ମାଆ ।" ରୁଚି ଆଖିରେ ଲୁହର ବନ୍ୟା ।

ସନ୍ଧ୍ୟାରେ ଶାଶୁ କହିଗଲେ ସରୁ ଚକୁଳି ହବ । ଆଉ ସୁଜି ମଣ୍ଡା କରିବୁ । ସେ କଥାରେ ଥିଲା ଆଦେଶ । ରୁଚି ହୁଁ କହିଲା । ସେତିକି ବେଳେ ଦିନ କୃଷ୍ଣ ବାବୁ କହିଲେ, "ନିଜ ଝିଅ ଜୋଇଁଙ୍କ ଖାଇବା ବ୍ୟବସ୍ଥା ନିଜେ କର ମାଳା । ମୋ ଝିଅ କାହାର ଗୋଲାମ ନୁହେଁ !"

ରାତିରେ ଦି'ଟା ଅଲଗା ଅଲଗା ଘରେ ଖାଇ ବସିଥିଲେ ସମସ୍ତେ । ଗୋଟେ ଘରେ ସଂଗ୍ରାମ, ରୁଚି ଓ ତାଙ୍କ ବାପା । ଆର ଘରେ ଶାଶୁ ଓ ତାଙ୍କ ଝିଅ ଜୋଇଁ ।

ପ୍ରଥମ କରି ରୋଷେଇ କରିଥିଲେ ସଂଗ୍ରାମ । ସମସ୍ତେ ଖାଇ ବସିଥିଲେ । ସମ୍ପର୍କ ତିଆରି କରିବାକୁ ସାରା ଜୀବନ ଲାଗେ ଆଉ ଭାଙ୍ଗିବାକୁ ଗୋଟେ ମୁହୂର୍ତ୍ତ । ନ ଚାହିଁ ବି ଏମିତି ସମ୍ପର୍କକୁ ଭାଙ୍ଗିବାକୁ ହୋଇଥିଲା ରୁଚିକୁ । ଯାହା କେବଳ ବୋଝ ଥିଲା । ସମ୍ପର୍କ ଘର ଲୋକଙ୍କୁ ନେଇ ନୁହେଁ, ସେମାନଙ୍କ ଭଲ ପାଇବା ଆନ୍ତରିକତାରେ ତିଆରି ହୁଏ । କାହିଁକି ବୋହୂ କେବେ ଝିଅ ହୋଇ ପାରେନି? ନା ଶାଶୁ ନିଜକୁ କେବଳ ଶାଶୁ ଜାଗାରେ ରଖି ନେଇଥାନ୍ତି । ସଂପର୍କର ପରିଭାଷା ବଦଳି ଯାଏ ଏମିତି ।



ହୃଦୟ

ସ୍ମିତା ପଣ୍ଡା

ସ୍ୱପ୍ନ ସେ ଯାଦୁ ନଗରର
ତାରା ଫୁଲ ସେ ଜହ୍ନ ରାଇଜର,
ରେଶମୀ ସୁତା ହୁଏ ଉଡ଼ା ଭାବନାର
ଛୋଟ ବିହଙ୍ଗଟି ସେ ପ୍ରଥମ ପ୍ରେମର ।।

କେବେ ପୁଣି ସାଜେ କୋହ ପ୍ରତାରଣାର
ଭାଙ୍ଗିଯାଏ ମନ ତା'ର ସ୍ନେହ ମମତାର
ଝୁରି ହୁଏ ସେ ଜୀବନ ଅତୀତର
ଲିଭେଇବାକୁ ଚାହେଁ ଅଭୁଲା ସ୍ମୃତିର ଗ୍ରନ୍ଥାଗାର ।

ଏକାକୀ ଖୋଜି ବୁଲେ ସାହାରା ଖୁସିର
ଶୂନ୍ୟତାରେ ମିଳେ ତାକୁ ମରୀଚିକା ମରୁଭୂମିର
ପଥିକ ସାଜେ ସେ ଜନଶୂନ୍ୟ ପଥର
ସାଥି ହୋଇଯାଏ ସେହି ଚିକମିକ ରଜନୀର ।।



ଭ୍ରୁଣ

ସୁଧାଂଶୁ ଶେଖର ଦ୍ୱିବେଦୀ

ଗର୍ଭକୁ ଆସିବାପରେ ମନ୍ନି ଅଭିମାନ କଲା । ପାପା କହିଲେ ଘରେ ବହୁତ ଲୋକ ହୋଇଗଲେଣି ଆଉ ପିଲା ଦରକାର ନାହିଁ । ମା' ଗର୍ଭରେ ରହି ସେ ଜାଣିପାରୁଥାଏ ଲୋକମାନେ ବଡ଼ ଅଜବ ଢଙ୍ଗରେ ଭାବି ହେଉଛନ୍ତି । ସେଥିପାଇଁ ମନ୍ନି ଚିନ୍ତାଶୀଳ ହୋଇଯାଏ । ମୋର ଅସ୍ଥିରତା ଏବଂ ଗର୍ଭରେ ଅବ୍ୟବସ୍ଥିତ ଅବସ୍ଥା ତାକୁ ଅଜଣା ଉଷ୍ଣତାରେ ଭରିଦିଏ । ପରନ୍ତୁ ପାପା ନିକଟରେ ଥିଲେ ଏକ ଅଜଣା ଭୟରେ ସେ ଅସ୍ତ ସୂର୍ଯ୍ୟର ରଙ୍ଗରେ ରଙ୍ଗେଇଯାଏ ।

ପାପା ଦିନସାରା ହିସାବରେ ବ୍ୟସ୍ତ ରୁହନ୍ତି । ଘର-ପରିବାରର ଖର୍ଚ୍ଚକାଟ କରିବାକୁ ଉପାୟ ଭାବନ୍ତି । ଭଉଣୀମାନଙ୍କର ପାଠପଢ଼ା ଅପେକ୍ଷା ବିବାହ ଚିନ୍ତା ତାଙ୍କୁ ବେଶୀ ବିବ୍ରତ କରେ । ଯଦିଓ ସେମାନଙ୍କର ବୟସ ବିବାହ ବୟସଠାରୁ ବହୁତ କମ । କେବେ କେବେ ମନରେ ପ୍ରଶ୍ନ ଉଠେ, ଇଏ କିପ୍ରକାର ଲୋକ? ଝିଅମାନଙ୍କୁ କେବଳ ଦୈହିକ ବିକାଶର ଚିନ୍ତା କରନ୍ତି? ଭଲ ହେଇଛି ମୁଁ ଏଯାଏଁ ଦୁନିଆଠାରୁ ବହୁ ଦୂରରେ ଅଛି...

ଦିନେ ପାପା ମନ୍ନିକୁ ଡାକ୍ତର ରିପୋର୍ଟ ଦେଖେଇଲେ । ହଠାତ ମନ୍ନି ଦେହରେ ଶିହରଣ ଖଳିଗଲା । ହୃଦୟ ବାରମ୍ବାର ସ୍ପନ୍ଦିତ ହେଲା । ମନ୍ନିର ସ୍ପନ୍ଦିତ ହୃଦୟର କମ୍ପନରେ ଗର୍ଭରେ ଥିବା ମୋର ଟିକି ଦେହ ଥରି ଉଠିଲା । । ମନ୍ନି ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରୁଥାଏ, ମୋ

ପ୍ରାଣ ରକ୍ଷା କରିବା ପାଇଁ, ମୋତେ ବଞ୍ଚେଇବା ପାଇଁ । ତାହା ତା'ପାଇଁ ବହୁତ କଠିନ ସମୟ ଥାଏ । ଦୁଇଟି ସମ୍ପର୍କ ମଧ୍ୟରୁ ତାକୁ କୌଣସି ଗୋଟିଏକୁ ନିର୍ବାଚିତ କରିବାକୁ ହେବ । ପତି ନହେଲେ ଗର୍ଭରେ ବଢୁଥିବା କନ୍ୟାଭ୍ରୁଣ !!

ମନ୍ନି ପାଖରେ ସମୟ କମ୍ । ତା'ର ଆଉ ଦୁଇଜଣ ଝିଅ ଅଛନ୍ତି । ତେଣୁ ସେ ତା' ପତିକୁ ନିର୍ବାଚିତ କଲା । ମୁଁ କେବଳ ତା'ର ନିର୍ଣ୍ଣୟକୁ ବୁଝିବାପାଇଁ ଚେଷ୍ଟା କରୁଥାଏ । ମନ ମଧ୍ୟରେ ବ୍ୟଗ୍ରତା ହେଉଥାଏ ଜଣେଇବାକୁ," ମନ୍ନି ମୁଁ ତ ତୋହରି ଅଂଶ । ତୋ' ମୋ ଭିତରେ ଫରକ କ'ଣ ଅଛି?" କିନ୍ତୁ ଆଉ ଭାବିବାକୁ ସମୟ ନଥିଲା । ସତରେ ନିରୀହ ମନ୍ନି ସେତେବେଳେ କେତେ ଯେ ଡହଳ ବିକଳ ହେଉଥାଏ ! ମୋତେ ତା'ପ୍ରତି ଦୟା ମାଡୁଥାଏ । ପାପା ଅନଭିଜ୍ଞ ଧନର ମୋହରେ ନିଜ ଜୀବନର ଅଂଶ ସ୍ୱରୂପ କନ୍ୟାଭ୍ରୁଣକୁ ହରେଇଦେବାକୁ ପ୍ରସ୍ତୁତ ଥା'ନ୍ତି ।

ଆଉ ଅଧିକ କ'ଣ କହିବ ଭ୍ରୁଣ? ଗର୍ଭ ବ୍ୟତୀତ ବାହାର ଦୁନିଆରେ ତା'ର ଅସ୍ତିତ୍ୱ କ'ଣ ଅଛି ଯେ !! କେବଳ ପାପାଙ୍କର କହିବା ଶୁଣିବା ଉପରେ ନିର୍ଭର କରୁଥାଏ ତା' ଜୀବନ । ତା' କଥା ଶୁଣିବ କିଏ??

କ୍ଲିନକର ଥଣ୍ଡା ଟେବୁଲ ଉପରେ ମନ୍ନି ଚିତହୋଇ ଶୋଇଥାଏ । ଡାକ୍ତର ରୁମ ଭିତରକୁ ଆସି ସାରିଥାନ୍ତି । ସମ୍ଭବତଃ ସେତେବେଳକୁ ଜଣେ ମା'ର ମମତାକୁ ଅନ୍ତହୀନ କରିବା ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା ହୋଇସାରିଥାଏ ।

ଶୁଭପଲ୍ଲବ
Read Quotes on Instagram
click here to go
ଓଡ଼ିଆ କବିତା, କାହାଣୀ, ପଢ଼ନ୍ତୁ



ଏଇ ତ ତୁମ ଉପହାର


ଡ. କୌଶିକ କୁମାର ପାଣିଗ୍ରାହୀ

ତୁମେ କେତେ ଅଭିମାନୀ !!
ଦେବାର କିଛି କ୍ଷମତା ନାହିଁ ବୋଲି,
ତୁମେ ଅଳି କର, ଅର୍ଦ୍ଧଳି କର,
ରାଗ, ରୋଷ ଓ ଅଭିମାନ ବି କର,
ପରିଶେଷେ ତୁମର କେଇ ପଦ ମୃଦୁ ସଂଭାଷଣ,
“ଯଦି ଭୁଲରେ କିଛି କହିଥିବି କ୍ଷମା କରିଦେବ ।”

ମତେ ଭଲ ପାଇବା ଦିନଠୁଁ ଜାଣେନା,
ତୁମେ କିଛି ପାଇଛ କି ନାଇଁ,
ବରଂ ହରେଇଛ ନିଜସ୍ୱପଣ,
ହରେଇଛ ମନର ସ୍ଥିରତା, ନିଜର ସ୍ୱାଧୀନତା,
ପରିଶେଷେ ତୁମର କୁମାରୀ ଚପଳତା ।

ଦେଖତ ସମ୍ପର୍କ ଆଜି ବି ଅଧାଗଢ଼ା,
ଆମ ଭଲ ପାଇବାର ଗଭୀରତା ଓ ଭାବପ୍ରବଣତା,
ଟପି ପାରିନି ସେଇ ଅନୁବନ୍ଧିତ ସୀମାରେଖା,
ସମ୍ପର୍କର ପ୍ରଚ୍ଛଦେ ଭବିଷ୍ୟାଗତ,
ସାମାଜିକ ଷଡ଼ଯନ୍ତ୍ରର ପ୍ରାକ-ସୂଚନା,
ମଣିଷ ମଣିଷକୁ ଚିହ୍ନେନା, ରକ୍ତ-ରକ୍ତକୁ ଭୁଲିପାରେ,
ଏଠି ତ ସମ୍ପର୍କ ଭାଙ୍ଗେ ଆଉ ଯୋଡ଼େ
ଜାତି, ଗୋତ୍ର, ରୂପ ଓ ବର୍ଣ୍ଣର ଅନ୍ତରାଳେ ।

ତୁମକୁ ଏତିକି ତ ଦେଇ ପାରିବାର କ୍ଷମତା ଅଛି,
ତୁମେ ଓ ମୁଁ ସଂରଚନା କରିଥିବା ଆମ ଅଭିନ୍ନ କାହାଣୀର,
ପ୍ରତିଟି ଅଧ୍ୟାୟର ପରିଭାଷାକୁ ତୁମେ ଲେଖି ଚାଲିଥିବ,
ମୁଁ ତୁଳୀ ଧରି ରଙ୍ଗବୋଳି ଜୀବନ୍ତ କରି ଚାଲିଥିବି,
ଏଇ ମୋର ପ୍ରତିଜ୍ଞା ଆଉ, ଏଇ ତ ତୁମ ଉପହାର ।



ସୂଚନା: ଆମେ ଆମର କୁନି କୁନି ସାଥୀମାନଙ୍କ ପାଇଁ ନେଇ ଆସିଛୁ ଓଡ଼ିଆ ଗପ କବିତାର ନୂଆ ଏକ ୱେବ୍ ପୋର୍ଟାଲ୍, ଯେଉଁଥିରେ କେବଳ ସେମାନଙ୍କ ପାଇଁ ଗପ/କବିତା/ଗୀତ ଆଦି ଉପଲବ୍ଧ । ଆପଣଙ୍କର ପିଲାମାନଙ୍କୁ ଓଡ଼ିଆରେ ଗପକବିତାଦି ପଢ଼ାଇବାକୁ ଚାହୁଁଥିଲେ, ନିର୍ଦ୍ୱନ୍ଦରେ ଆମର ୱେବ୍ ପୋର୍ଟାଲ୍ **https://sishuraija.shubhapallaba.com**ରେ ପଢ଼ନ୍ତୁ ।



ଜୀବନସାଥୀ

ସୌଭାଗ୍ୟ ଗିରି

ଭାଗ୍ୟ ମତେ ଆଣି ପହଞ୍ଚାଇଦେଲା
ଏମିତି ଶିଖର ସ୍ଥଳେ,
ଉଚ୍ଚ ବେତନରେ ଚାକିରି କରିଛି
ଦେଶବିଦେଶ ମୁଁ ବୁଲେ ।


ସଭିଏଁ କହନ୍ତି ବାହାହେବ ତମେ
ଝଲମଲ ପ୍ରାସାଦରେ,
ଜୀବନ ତୁମର ବିତିବ ବୃହତ
ଆୟବ୍ୟୟର ଅଟକଳରେ ।

ଶାଶୁଘରେ ତୁମ ଥିବ ବହୁଟଙ୍କା
ଗାଡ଼ି କୋଠା ଆଉ ଧନ,
ତୁମ ସ୍ୱାମୀ ପାଖେ ହାତ ଯୋଡୁଥିବେ
କେତେକେତେ ଅଧସ୍ତନ ।

ହସି ମୁଁ କହିଲି ଏସବୁରେ ମୋର
ନାହିଁ କିଛି ପ୍ରୟୋଜନ,
ସୁଶିକ୍ଷିତ ସ୍ନେହୀ ହୃଦୟଟେ ଲୋଡ଼ା
ବୁଝିବ ଯେ ମୋର ମନ ।

ଦୁଃଖୀଗରିବଙ୍କ ପାଇଁ ତା' ମନରେ
ଦୟାଭାବ ଥିବ ଭରି,
ଅନାଥ ପିଲାଙ୍କୁ ସାହାଯ୍ୟ କରିବ
ଘୃଣାଭାବ ପରିହରି ।

ଈଶ୍ୱରବିଶ୍ୱାସ ମଣିଷପଣିଆ
ଯାହା ହୃଦୟରେ ଥିବ,
ସଚ୍ଚରିତ୍ର ଆଉ ସଚ୍ଚୋଟ ପିଲାଟେ
ମୋ ଜୀବନ ସାଥୀ ହେବ ।



ପୁଅ ପାଇଁ ଗୀଟାର୍

ଦୀପକ ଷଡ଼ଙ୍ଗୀ

୨୦୦୯ ମସିହା ଅକ୍ଟୋବର ମାସ । କଟକରେ ଦଶହରା ସମୟ । ମା'ଙ୍କ ଆଗମନରେ ସାରା ସହର ଉତ୍ସବ ମୁଖର । ଯୁଆଡ଼େ ଚାହିଁବ ରଙ୍ଗୀନ ଆଲୋକର ରୋଷଣୀ । ସେଦିନ ହୋଇଥାଏ ମହାଷ୍ଟମୀ । ବିଡ଼ାନାସୀରୁ ଗୋଟେ ପ୍ରୋଗ୍ରାମ ସାରି ମୁଁ ମୋ ମଟରସାଇକେଲରେ ଘରକୁ ଫେରୁଥାଏ । ରାତି ପ୍ରାୟ ୧୧.୩୦ ହେବ । କାନ୍ଧରେ ପକେଇଥାଏ ମୋ ଗୀଟାର । ପ୍ରଶାସନର କଡ଼ା ନିୟମ ରାତି ଦଶଟା ପରେ ସବୁ ମେଲୋଡ଼ି କାର୍ଯ୍ୟକ୍ରମ ବନ୍ଦ । କାଠଯୋଡ଼ି ରିଂବନ୍ଧ ଦେଇ ଆସୁଥାଏ ମୁଁ; ସନ୍ଧ୍ୟାବେଳେ ଟିକେ ବର୍ଷା ହୋଇଥିଲା;ଥଣ୍ଡା ପବନଟା ଦେହକୁ ଶୀତୁଆ ଲାଗୁଥାଏ । ରାସ୍ତାରେ ଲୋକ ଟିକେ କମି ଆସିଲେଣି । ମୁଁ ପ୍ରାୟ ବିଶ୍ୱନାଥ ପଣ୍ଡିତ ପାଠାଗାର ପାଖାପାଖି ହୋଇଗଲିଣି, ହଠାତ ମୋ ଗାଡ଼ିର ଷ୍ଟାର୍ଟ ବନ୍ଦ ହୋଇଗଲା । ଭାବିଲି ବୋଧେ ଗାଡ଼ି ରିଜର୍ଭରେ ପଡ଼ି ଯାଇଥିବ । କିନ୍ତୁ ନା, ଆଜି ସକାଳେ ହିଁ ପରା ଦୁଇ ଲିଟର ପେଟ୍ରୋଲ ପକେଇଥିଲି; ବୋଧେ ବର୍ଷା ଯୋଗୁଁ ଇଞ୍ଜିନରେ ପାଣି ପଶିଯାଇଥିବ । ଗାଡ଼ିରୁ ଓହ୍ଲେଇ ଚେକ୍ କଲି ସବୁ ଠିକଠାକ୍ ଅଛି । ସେଲ୍ଫ୍ ଷ୍ଟାର୍ଟରେ ବି ଚେଷ୍ଟା କଲି, ଚୋକ୍ ଅନ କରିକି ବି ଚେଷ୍ଟା କଲି, ଗାଡ଼ି ଷ୍ଟାର୍ଟ ହବାର ନାଁ ଧରୁ ନଥାଏ ! କାନ୍ଧରୁ ଗିଟାରଟା କାଢ଼ିଦେଇ ପୁଣି ଗାଡ଼ି ଉପରେ ବସି କିକ୍ ଉପରେ କିକ୍ ମାରିବାକୁ ଲାଗିଲି । ମୋତେ ଲାଗୁଥିଲା ମୋ ଗାଡ଼ି ଯିଏ କି କିଣା ହବା ଦିନଠାରୁ ଗୋଟାଏ କିକରେ ଷ୍ଟାର୍ଟ ହଉଥିଲା ଆଜି କିନ୍ତୁ ମୋତେ ଗୋଟେ ପାନେ ଦେବାର

ବନ୍ଦୋବସ୍ତ କରିଥିଲା । ଆଖପାଖକୁ ଟିକେ ନଜର ପକେଇଲି ସବୁ ଦୋକାନ ବଜାର ବନ୍ଦ ହୋଇଗଲାଣି । ସେତେବେଳକୁ ରାତି ପ୍ରାୟ ୧୨ଟା ଉପରେ ହେଲାଣି । ଟିକେ ହତୋତ୍ସାହ ହୋଇ ପଡ଼ିଲି । ଚାରିପଟକୁ ନଜର ବୁଲେଇ ଦେଖେ ତ ମୁଁ କାଳୀ ମନ୍ଦିର ମଶାଣି ପାଖରେ ଛିଡ଼ା ହୋଇଛି । ରାସ୍ତାର ବାମ ପଟେ ମଶାଣି ଆଉ ଡାହାଣ ପାଖେ କାଳୀ ମନ୍ଦିର । ମୋ ଦେହରୁ ପରସ୍ତେ ଝାଳ ବାହାରିଗଲା । ଦେହକୁ ଶୀତୁଆ ଲାଗୁଥିବା ପବନଟା ମୋତେ ବୈଶାଖ ମାସର "ଲୁ" ଭଳି ଲାଗିଲା । ମନ୍ଦିରର ପହଡ଼ ପଡ଼ିଛି । ରାସ୍ତାରେ ଆଉ ପ୍ରାୟ କେହି ନାହାନ୍ତି । ଯାହା କେବେଳ ସେଇ ଖାନନଗର ପୂଜା ମଣ୍ଡପର ଲାଇଟ ଗୁଡ଼ା ଧପ୍ ଧପ୍ ହେଉଥାଏ । କଣ କରିବି ବୋଲି ଭାବି ମୋତେ ବୁଦ୍ଧିବାଟ ଦିଶୁ ନଥାଏ । ମା କାଳୀଙ୍କୁ ମନେମନେ ସ୍ମରଣ କଲି । ମଶାଣିରୁ ଭାସି ଆସୁଥିବା ମଣିଷ ପୋଡ଼ା ଘିଅର ବାସ୍ନା ମୋ ଅବସ୍ଥାକୁ ଆହୁରି ଖରାପ କରି ଦେଉଥାଏ । ହଠାତ ଦେଖିଲି ପାଠାଗାର ଆଡୁ ଜଣେ କିଏ ଚାଲିଚାଲି ଆସୁଛି । କାଳୀ ମନ୍ଦିର ପଟ ରାସ୍ତାଟା ଟିକେ ଅନ୍ଧାରିଆ ଥିବାରୁ ଠିକ୍‌ରେ ବୁଝା ପଡୁ ନଥାଏ । ଏତେ ରାତିରେ ମଶାଣି ପାଖରେ ତାକୁ ଦେଖି ମୋ ପିଳେହି ପାଣି । ମୁଣ୍ଡ ପୋତିକି ସେ ଆଡ଼କୁ ଧ୍ୟାନ ନ ଦେଇ ଗୀଟାରଟାକୁ କାନ୍ଧରେ ପକେଇ ଦେଇ ଗାଡ଼ି ଉପରେ ବସି କିକ୍ ଉପରେ କିକ୍ ମାରି ଚାଲିଲି । ସେ ଲୋକଟା ଯେ କେତେବେଳେ ଆସି ମୋ ପାଖରେ ଛିଡ଼ା ହୋଇଗଲାଣି ମୁଁ ଜାଣିନି । ଶୁଣିଲି ଗୋଟେ ସ୍ୱର - "ଭାଇ କ'ଣ ହେଲା କି?" ଚମକି ପଡ଼ିଲି । ମୁଣ୍ଡ ଉଠେଇ ଚାହିଁଲା ବେଳକୁ ମୋ ସାମନାରେ ଜଣେ ଧଳା ସାର୍ଟ ଆଉ ନୀଳଜୀନ୍ସ ପିନ୍ଧା ବ୍ୟକ୍ତି । ବ୍ୟକ୍ତି ଜଣକ ଭଦ୍ର ଓ ମାର୍ଜିତ ଜଣା ପଡୁଥାନ୍ତି ଦେଖିବାକୁ । ଗୋରା ବର୍ଣ୍ଣ ଓ ନାକ ତଳେ ସରୁ ନିଶ । ବୟସ ପାଖାପାଖି ୪୦ ହେବ । ମୁଁ କହିଲି, "ଗାଡ଼ିଟାର ଅଚାନକ ଷ୍ଟାର୍ଟ ବନ୍ଦ ହୋଇଗଲା ତ ସେଥିପାଇଁ ଚେଷ୍ଟା କରୁଛି କିନ୍ତୁ ଷ୍ଟାର୍ଟ ହଉନି" । ମୋ କାନ୍ଧରେ ପଡ଼ିଥିବା ଗୀଟାର ଦେଖି ଭଦ୍ରବ୍ୟକ୍ତି ଜଣକ ପଚାରିଲେ, "ଆପଣ କ'ଣ ଗିଟାର ବଜାନ୍ତି?" ମୁଁ କହିଲି, "ହଁ ! ବିଡ଼ାନାସୀରେ ଆଜି ଆମର ଗୋଟେ ପ୍ରୋଗ୍ରାମ ଥିଲା ତ ଯାଇଥିଲି । ଦେଖୁନାହାନ୍ତି ଫେରୁଫେରୁ ବାଟରେ ମୋର ଏ କି ଅବସ୍ଥା !"

ଭଦ୍ରବ୍ୟକ୍ତି ଜଣକ ଉତ୍ସାହିତ ହୋଇ ପଚାରିଲେ, "ଆପଣ କ'ଣ ଗୀଟାର ଶିଖାନ୍ତି?" ମୁଁ କହିଲି, "ହଁ ଶିଖାଏ ।" ଭଦ୍ରବ୍ୟକ୍ତିଙ୍କ ଆଖିରେ ଗୋଟେ ସନ୍ତୋଷ ପରିଲକ୍ଷିତ ହେବା ପରି ଜଣା

ପଡ଼ିଲା । ସେ ପୁଣି ପଚାରିଲେ, "ଭାଇ! ଗୋଟେ ଅନୁରୋଧ ରଖିବେ?" ମୁଁ ତାଙ୍କୁ ଟିକେ ଆଶଙ୍କାପୂର୍ଣ୍ଣ ଚାହାଣିରେ ଅନେଇଲି । ମୋତେ ସହଜ କରିବାକୁ ଯାଇ ସେ କହିଲେ, "ମୁଁ ଆପଣଙ୍କ ଗାଡ଼ି ଷ୍ଟାର୍ଟ କରି ଦେବି; କିନ୍ତୁ ଆପଣଙ୍କୁ ମୋର ଗୋଟେ ଛୋଟ ଅନୁରୋଧ ରକ୍ଷା କରିବାକୁ ପଡ଼ିବ ।" ମୁଁ ବ୍ୟସ୍ତ ଆଉ ବିରକ୍ତ ହୋଇ କହିଲି, "ଆପଣ କ'ଣ ମେକାନିକ ଯେ ଗାଡ଼ି ଷ୍ଟାର୍ଟ କରି ଦେବେ?" ଭଦ୍ର ବ୍ୟକ୍ତି ଜଣକ ଟିକେ ହସି ଉତ୍ତର ଦେଲେ, "ନା ମୁଁ ମୋଟରସାଇକେଲ ମେକାନିକ ନୁହେଁ, କିନ୍ତୁ ମୁଁ ପାରିବି ।" ମୁଁ ବ୍ୟସ୍ତ ହୋଇ କହିଲି, "କଣ କହିବା କଥା ଜଲଦି କହିଲେ?" ଭଦ୍ରବ୍ୟକ୍ତି ଜଣକ ତାଙ୍କ ସାର୍ଟ ପକେଟରୁ ତାଙ୍କ କାର୍ଡ଼ଟି ବାହାର କରିଦେଲେ ଓ କହିଲେ, "ଭାଇ ମୋର ବାର ବର୍ଷର ଗୋଟେ ପୁଅ ଅଛି ତା'ର ଗୀଟାର ଶିଖିବାକୁ ଖୁବ ଇଚ୍ଛା କିନ୍ତୁ ମୁଁ ଆଉ ମୋ ସ୍ତ୍ରୀର କାର୍ଯ୍ୟ ବ୍ୟସ୍ତତା ହେତୁ ତାକୁ ଗୀଟାର ଶିଖିବାକୁ ଛାଡ଼ି ପାରୁନୁ । ଆଉ ମୁଁ ବି ଜାଣିନି ଏ କଟକରେ କିଏ କେଉଁଠି ଗୀଟାର ଶିଖାଉଛି । ତେଣୁ ଆପଣ ଯଦି ଟିକେ ଆଗ୍ରହ ଦିଅନ୍ତେ ମୁଁ ପୁଅକୁ ଛାଡ଼ନ୍ତି ।" ସବୁ ଶୁଣି କି ନ ଶୁଣି ପାରିଲା ଭଳି କହିଲି, "ହଉ ହଉ ଠିକ୍ ଅଛି ମୋ ସମୟ ହେଲେ ମୁଁ ଆପଣଙ୍କୁ ଫୋନ କରିବି ଆପଣ ଆଗ ମୋ ଗାଡ଼ିଟା ଷ୍ଟାର୍ଟ କରିଦେଲେ ।" ମୋ ପାଟିରୁ କଥା ସରିଛି କି ନାହିଁ ଭଦ୍ରବ୍ୟକ୍ତି ଜଣକ ଗାଡ଼ି ଉପରେ ବସି ଗୋଟାଏ କିକ୍ ମାରିଲେ ଯେ ଏକା ଥରକେ ଗାଡ଼ି ଷ୍ଟାର୍ଟ ହେଇଗଲା । ମୁଁ ଅବାକ ହୋଇ ତାଙ୍କୁ ଅନାଇ ଥାଏ । ଭଦ୍ରବ୍ୟକ୍ତି ଜଣକ ଟିକେ ହସି କହିଲେ, "ହେଲା ତ ଆପଣଙ୍କ ପ୍ରୋବ୍ଲେମ ସଲ୍ଭ? କିନ୍ତୁ ପ୍ରୋମିସ୍ କରନ୍ତୁ ଆପଣ କାର୍ଡ଼ରେ ଥିବା ନମ୍ବରକୁ ଫୋନ କରି ନିଶ୍ଚୟ ଆସିବେ ।" ମୁଁ ମୁଣ୍ଡଟା ଟୁଙ୍ଗାରି ଦେଇ ତାଙ୍କୁ ଟିକେ ଧନ୍ୟବାଦ ବି ନକହି ସଙ୍ଗେସଙ୍ଗେ ସେଠୁ ପଳେଇ ଆସିଲି । ଘରେ ପହଞ୍ଚୁ ପହଞ୍ଚୁ ରାତି ପ୍ରାୟ ୨ଟା । କାହାକୁ କିଛି ନ କହି ସିଧା ଯାଇ ଖଟରେ ପଡ଼ିଗଲି ।


ଦଶହରା ସରି ଭସାଣି ସରି ଗୋଟେ ସପ୍ତାହ ହୋଇଗଲାଣି । ଦିନେ ବୋଉ ମୋର ମୋ ମଇଳା ସାର୍ଟ ପ୍ୟାଣ୍ଟ ଗୁଡ଼ା ସଫା କରିବାକୁ ନେଉଥିଲା ବେଳେ ମୋ ସାର୍ଟ ପକେଟରୁ ଖସି ପଡ଼ିଲା ସେଇ କାର୍ଡ଼ଟି । ସେ ଆଣି ମୋତେ କାର୍ଡ଼ଟି ଧରେଇ ଦେଲା । କାର୍ଡ଼ଟା ଦେଖି ମହାଷ୍ଟମୀ ରାତି କଥା ମୋର ମନେ ପଡ଼ିଗଲା । ମୋତେ ଟିକେ କୃତଘ୍ନ ମନେ ହେଲା ପରି ଲାଗିଲା । ମୋ ମନ ଭିତରୁ ଜଣେ ସତେ ଯେପରି କହୁ ଥିଲା, "ଆରେ ଯେଉଁ ଲୋକ ତୋତେ ରାତିରେ ଏତେ ବଡ଼

ବିପଦରୁ ସାହାଯ୍ୟ କଲା ତୁ ତାକୁ ଏତେ ଶୀଘ୍ର ଭୁଲିଗଲୁ?" କାର୍ଯ୍ୟ ବ୍ୟସ୍ତତା ହେତୁ ମୁଁ ସମ୍ପୂର୍ଣ୍ଣ ଭାବେ ଭୁଲି ଯାଇଥିଲି ସେଦିନ ରାତି କଥା । କାର୍ଡ଼ଟିରେ ଲେଖା ଥିଲା ପ୍ରକାଶ ନିଳୟ, ପ୍ରକାଶ କୁମାର ମିଶ୍ର ସିନିୟର ମ୍ୟାନେଜର ମାର୍କେଟିଂ । ତାଙ୍କ ଘରର ଲ୍ୟାଣ୍ଡ ଫୋନ ଓ ଗୋଟେ ମୋବାଇଲ ନମ୍ବର । ମୁଁ ଆଉ ଡେରି ନକରି ସିଧା ମୋ ମୋବାଇଲରେ ଆଗ ମୋବାଇଲ ନମ୍ବରଟାକୁ ଡାଏଲ କଲି କିନ୍ତୁ ସେମିତି କିଛି ନମ୍ବର କୌଣସି ଉପଭୋକ୍ତାଙ୍କୁ ଦିଆଯାଇ ନାହିଁ ବୋଲି ଭିତରୁ ଶୁଣାଗଲା । ତା ପରେ ମୁଁ ଲ୍ୟାଣ୍ଡ ଫୋନକୁ ଡାୟଲ କଲି ତିନି ଚାରି ଥର ରିଂ ହେବା ପରେ ଜଣେ ମହିଳାଙ୍କ ସ୍ୱର ସେପଟୁ ଶୁଣାଗଲା । ମୁଁ କହିଲି "ଆଜ୍ଞା! ମୋତେ ପ୍ରକାଶ ବାବୁ ଏଇ ନମ୍ବରଟି ଦେଇ କହିଥିଲେ ଯେ ତାଙ୍କ ପୁଅ ଗୀଟାର ଶିଖିବ ବୋଲି । ସେଥିପାଇଁ ଫୋନ କରିଥିଲି ।" ସେପଟୁ କିଛି ଉତ୍ତର ନାହି ମୁଁ ହାଲୋ ହାଲୋ ହଉଥାଏ, ଭାବିଲି ବୋଧେ ଫୋନଟା କଟିଗଲା, କିଛି ସମୟ ପରେ ମହିଳା ଜଣକ ଉତ୍ତର ଦେଲେ, "ମୁଁ ଆପଣଙ୍କୁ ଘରର ଆଡ୍ରେସ୍ କହୁଛି ଆପଣ ଆସନ୍ତୁ ।" ମୁଁ କହିଲି, "ହଁ କୁହନ୍ତୁ" ସେପଟୁ ମହିଳା ଜଣକ କହିଲେ "ମହାନଦୀ ବିହାର, ୪ ଲେନ, ହାଉସ ନମ୍ବର ସି/୨୧ ।" ମୁଁ ଧନ୍ୟବାଦ ଜଣାଇବା ପୂର୍ବରୁ ସେପଟୁ ମହିଳା ଜଣକ ଫୋନଟି କାଟି ଦେଲେ । ମୁଁ ସଙ୍ଗେ ସଙ୍ଗେ ଗାଡ଼ି ଧରି ବାହାରି ଗଲି ସେଇ ଠିକଣା ଆଡ଼କୁ । ଆଉ ଠିକ୍ ୩୦ ମିନିଟ ପରେ ମୁଁ ଥାଏ ପ୍ରକାଶ ନିଳୟର ଗେଟ୍ ସାମ୍ନାରେ । ଦେଖିଲି ଏକ ଦୁଇ ମହଲା ମନୋରମ ଅଟ୍ଟାଳିକା । ମୁଖ୍ୟ ଫାଟକରେ ମାର୍ବଲରେ ଲେଖା ହୋଇଥାଏ ପ୍ରକାଶ ବାବୁଙ୍କ ନାଁ ଓ ଘରର ଠିକଣା । ମୁଁ ଗେଟ୍ ଖୋଲି ଭିତରକୁ ଗଲି । ବାହାରେ ଥିବା କଲିଂ ବେଲ୍ ଚିପିଲି ଆଉ ଅପେକ୍ଷା କଲି । କିଛି ସମୟ ପରେ ଜଣେ ୩୫/୩୬ ବର୍ଷୀୟ ଭଦ୍ର ମହିଳା ଆସି କବାଟ ଖୋଲିଲେ । ମୁଁ ମୋ ସଂକ୍ଷିପ୍ତ ପରିଚୟ ଦେଲି । ମୋତେ ମହିଳା ଜଣକ ନେଇ ତାଙ୍କ ବୈଠକଖାନାରେ ବସିବାକୁ କହିଲେ । ଚା' କିମ୍ବା କଫି ପଚାରିବାରୁ ମୁଁ ଚା' ପାଇଁ କହିଲି । ମହିଳା ଜଣକ ଭିତରକୁ ଚାଲିଗଲେ । ମୁଁ ସୋଫା ଉପରେ ବସି ପାଖ ଟେବୁଲରେ ଥିବା ଖବରକାଗଜ ଲେଉଟାଉ ଥିବା ବେଳେ ମୋ ନଜର ପଡ଼ିଲା ବୈଠକଖାନାର କାନ୍ଥରେ ଟଙ୍ଗା ହୋଇଥବା ଫୁଲମାଳ ଦିଆ ହୋଇଥିବା ଫୋଟୋ ଉପରେ । ଫୋଟୋଟିକୁ ଟିକେ ପାଖରୁ ଦେଖିବା ପାଇଁ ସୋଫାରୁ ଉଠି ଫୋଟୋ ପାଖକୁ ଗଲି । ଫୋଟୋକୁ ଦେଖି ମୋ ପାଦ ତଳୁ ମାଟି ଖସି ଯିବା ଭଳି ମନେ ହେଲା । ମୁଁ ଦେଖିଲି ଏ ଫୋଟୋ ତ ସେଇ ଭଦ୍ର ଲୋକଙ୍କର ଯିଏ ମୋତେ

ମହାଷ୍ଟମୀ ରାତିରେ ମୋ ଗାଡ଼ି ଷ୍ଟାର୍ଟ କରିବାରେ ସାହାଯ୍ୟ କରିଥିଲେ !! ଘର ଏସିର ଟେମ୍ପରେଚର ୨୪ ଥିଲେ ବି ଝାଳରେ ମୋ ସାର୍ଟଟା ପୁରା ଓଦା ହେଇ ଯାଇଥିଲା ।

"ଏ ମୋ ସ୍ୱାମୀ ପ୍ରକାଶ କୁମାର ମିଶ୍ର ।" ଚମକି ପଡ଼ି ବୁଲିକି ଦେଖିଲ ବେଳକୁ ଭଦ୍ରମହିଳା ହାତରେ ଚା' କପ୍ ଧରି ଛିଡ଼ା ହୋଇଛନ୍ତି । "ମାର୍କେଟିଂର ସିନିୟର ମ୍ୟାନେଜର ଥିଲେ । ଦୁଇ ବର୍ଷ ତଳେ ଗୋଟେ କାର ଦୁର୍ଘଟଣାରେ....." ଆଉ କିଛି କହିବା ପୂର୍ବରୁ ଗୋଟେ କଳା ହବନର ଗୀଟାର ଧରି ପଶି ଆସିଲା ୧୨/୧୩ ବର୍ଷର ଗୋଟେ ପିଲା । ଭଦ୍ରମହିଳା କହିଲେ, "ଅଙ୍କଲଙ୍କୁ ନମସ୍କାର କର ।" ଏ ମୋ ପୁଅ ବଣ୍ଟି ଟିଭିରୁ ଦେଖି ଜିଦି ଧରିବାରୁ ବାପା ତା'ର ଦୁଇ ବର୍ଷ ତଳେ ତା' ଜନ୍ମ ଦିନରେ ତାକୁ ଏଇ ଗୀଟାର ଗିଫ୍ଟ ଦେଇଥିଲେ ଆଉ ବଣ୍ଟିର ଜନ୍ମଦିନ ପରଦିନ ହିଁ ତା' ବାପାଙ୍କର ... ।" ଅମାନିଆ ଲୁହଗୁଡ଼ାକୁ ରୋକିବାକୁ ଚାହୁଁଥିଲେ ବି ରୋକି ପାରି ନ ଥିଲେ ଭଦ୍ର ମହିଳା ଜଣକ ମୋ ସାମ୍ନାରେ ।

ମୁଁ ପରିବେଶକୁ ଟିକେ ହଲକା କରିବାକୁ ଯାଇ ବଣ୍ଟିକୁ ନେଇ କୋଳରେ ବସେଇ କହିଲି, "ଆରେ ବଣ୍ଟିବାବା ! ଆମର ବହୁତ ଜଲଦି ରକ୍ ଷ୍ଟାର୍ ହେବେ ।" ଭଦ୍ର ମହିଳା ଜଣକ ଚାଲି ଯାଇଥିଲେ ଘର ଭିତରକୁ । ଆଉ ବଣ୍ଟି ଗୀଟାରରେ ବଜେଇ ବାକୁ ଚେଷ୍ଟା କରୁଥିଲା ସି ସ୍କେଲର ସାତଟିଯାକ ଧୂନ୍‌କୁ । କିନ୍ତୁ ଠିକ୍‌ରେ ବଜେଇ ପାରୁଥିଲା କେବଳ ପାଞ୍ଚଟି ଧୂନ୍ । ତାହାଥିଲା "ସା" "ରେ" "ଗା" "ମା" ଆଉ ଟିକେ ଅଟକି ଯାଉଥିଲା "ପା".....ପାଖରେ ।



Read Reviews

ଶୁଭପଲ୍ଲବ ପ୍ରକାଶନର ପ୍ରଥମ ଇ-ବୁକ୍ ଗତ ପଣା ସଂକ୍ରାନ୍ତି ଅବସରରେ ପ୍ରକାଶ ପାଇଯାଇଛି । ନିର୍ମଳ ନାୟକଙ୍କ ରଚିତ ୩୦ ଗୋଟିଏ କବିତାର ସମ୍ଭାରକୁ ନେଇ ଏହି ଇ-ବୁକ୍‌ଟି ଆମର ଶୁଭପଲ୍ଲବରେ ଉପଲବ୍ଧ ହେଉଛି ।

Buy Now!



ତୁମ କଥା

ପୁଷ୍ପାଞ୍ଜଳି ପଣ୍ଡା

ତୁମ ମୋହ,
ତୁମ ଦେହ ମୋହ
ଏତେ ବାସ୍ନାୟିତ
ଏଯାଏ କରିପାରୁନି ମୁଁ ନିରୁପିତ..!

ତୁମ ବାସ୍ନା,
ସେତ ଘନ ଜ୍ୟୋସ୍ନା
ଉପମା ରହିତ
ଏଯାଏ ପଞ୍ଚ ପ୍ରାଣ ମୋର ପୁଲକିତ..!

ତୁମ ବନ୍ଧନ
ତୁମ ଘନ କମ୍ପନ
ସେ ଅନୁଭବ
ଏଯାଏ ତନୁ ମନ ମୋ ଦୋଳାୟିତ...!

ତୁମ ଦୃଷ୍ଟି,
ସେ ଦୁଷ୍ଟ ଦୃଷ୍ଟି
ରଚେ ନୂଆ ସୃଷ୍ଟି
ଏଯାଏ ପାରୁନି କରି ଚକ୍ଷୁ ଉନ୍ମିଳିତ....!

ତୁମ ଆଶା,
ପାଇବା ଆଶା
ସେତ ଚରମ ନିଶା
ଏବେବି ବଢୁଛି ହୁ ହୁ ହୋଇ ଆଶାତୀତ...!

ତୁମ ସଙ୍ଗ,
ତୁମ ଅଙ୍ଗ ସଙ୍ଗ
ପ୍ରତିକ୍ଷଣ ପ୍ରିତିପ୍ରଦ ।
ଏଯାଏ ମନ ମୋ ମତୁଆଲା ମାଦକିତ....!

ତୁମ ଛୁଆଁ,
ନଥାଇ ଧୁଆଁ
ସେ ତ ଲଗାଏ ନିଆଁ
ଏବେବି କୁହୁଳୁଛି ଜଳିବାକୁ ଅବିରତ....!



ରଜ ପୋଡ଼ପିଠା

ସୀତୟା ଭୋଇ

ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀର ନାରୀତ୍ୱକୁ ସମ୍ମାନ ଦେବା ଏକ ସଂସ୍କୃତିର ମହାନତାର ମାପଦଣ୍ଡ । ଓଡ଼ିଶାର ଗଣପର୍ବ ରଜ ନାରୀତ୍ୱର ଏକ ଅବର୍ଣ୍ଣନୀୟ ଉତ୍ସବ । ଏହି ପର୍ବରେ ଖୁବ ସଜସଜାରେ ନାରୀ ତା'ର ନାରୀତ୍ୱକୁ ଉପଭୋଗ କରିବାର ସୌଭାଗ୍ୟ ପାଇଥାଏ ।

ଆମ ସଂସ୍କୃତିରେ ପର୍ବ ସଙ୍ଗେ ତା'ର ପିଠାପଣାର ସମ୍ପର୍କ ନିଆରା । ରଜ ପର୍ବ ପାଳନରେ ପୋଡ଼ ପିଠାର ମଜା ଆଉ କଉ ମିଠାରେ ନାହିଁ । କଥାନୁସାରେ ରଜ ତିନିଦିନ ନାରୀମାନେ କାମ କରନ୍ତି ନାହିଁ, ତେଣୁ ପହିଲି ରଜର ପୂର୍ବଦିନ ଅଥବା ପାଣିଅଣା ଦିନ ହିଁ ନାରୀମାନେ ଆଗାମୀ ତିନିଦିନର କାର୍ଯ୍ୟ ଶେଷ କରିଦେଇଥାନ୍ତି । ତିନିଦିନର ଖାଦ୍ୟ ପାଇଁ ପୋଡ଼ପିଠା ହିଁ ହୁଏତ ସେବେ ସର୍ବୋତ୍ତମ ଥିଲା, କାରଣ ପୋଡ଼ ପିଠା ଅଧିକଦିନ ପର୍ଯ୍ୟନ୍ତ ରହିପାରୁଥିଲା । ଅବଶ୍ୟ ଏବେ ନାରୀମାନଙ୍କ ପାଖରେ ସେତେଟା ସୁଯୋଗ ନାହିଁ ଯେ ତିନିଦିନ ବିଶ୍ରାମ କରିବେ, କିନ୍ତୁ ଏବେ ବି ରଜ ଆସିଲେ ପୋଡ଼ ପିଠା ଘରେ ଘରେ ପ୍ରସ୍ତୁତ ହୋଇଥାଏ ।

ତେଣୁ ଆସନ୍ତୁ ଆମ ସଂସ୍କୃତିର ଏହି ବଡ଼ ପର୍ବର ମୁଖ୍ୟ ଖାଦ୍ୟ ପୋଡ଼ପିଠାକୁ କେମିତି ପାରମ୍ପାରିକ ପଦ୍ଧତିକୁ ଛାଡ଼ି ଆଧୁନିକ ପ୍ରାଣାଳୀରେ ପ୍ରସ୍ତୁତ କରିବା, ସେ ବିଷୟରେ ଜଣିବା ।

ଆବଶ୍ୟକୀୟ ଉପାଦନ:

୧. ଅରୁଆ ଚାଉଳ - ୨ କପ୍

୨. ବିରି - ୧ କପ

୩. ନଡ଼ିଆ (ଅଧା ଛୋଟ ଛୋଟ ଖଣ୍ଡ/ଅଧା କୋରା)

୪. ଗୁଆ ଘିଅ (୪ରୁ ୫ ଚାମଚ୍)

୫. ଗୁଡ଼ (୧/୪ କପ୍)

୬. ଗୁଜରାତି ଗୁଣ୍ଡ - ଅଳ୍ପ କିଛି

୭. ଗୋଲ ମରିଚ ଗୁଣ୍ଡ - ଅଳ୍ପ କିଛି

୮. ଲୁଣ - ସ୍ୱାଦ ଅନୁସାରେ

ପ୍ରସ୍ତୁତି ପ୍ରଣାଳୀ:

୧. ବିରି ଆଉ ଚାଉଳକୁ ରାତିସାରା ପାଣିରେ ଭିଜେଇ ରଖନ୍ତୁ ।

୨. ବିରିକୁ ଅଲଗା ଆଉ ଚାଉଳକୁ ଅଲଗା ବାଟି ଦିଅନ୍ତୁ ।

୩. ବିରିକୁ ଟିକେ ଫେଣ୍ଟନ୍ତୁ ହାଲକା ହେବାଯାଏଁ ଆଉ ସେଥିରେ ଚାଉଳ ପିଠଉକୁ ମିଶାନ୍ତୁ ।

୪. ଅଳ୍ପ ଲୁଣ ପକାନ୍ତୁ । ଗୁଜରାତି ଗୁଣ୍ଡ, ଗୋଲ ମରିଚ ଗୁଣ୍ଡ ମିଶାନ୍ତୁ ।

୫. ଗୋଟେ କଢ଼େଇରେ ଗୁଡ଼ ଗରମ କରି, ନଡ଼ିଆ କୋରାକୁ ମିଶାନ୍ତୁ ।

୬. ଘିଅରେ ନଡ଼ିଆ ଖଣ୍ଡକୁ ଭାଜି ରଖନ୍ତୁ ।

୭. ଓଭାନ୍ ଟ୍ରେ (oven tray) ବା କଢ଼େଇରେ ଘିଅ ଲଗାନ୍ତୁ ।

୮. ଚାଉଳ ବିରି ମିଶା ପିଠଉ ଅଳ୍ପ ଦିଅନ୍ତୁ । ତା' ଉପରେ ନଡ଼ିଆ ଗୁଡ଼ ମିଶାକୁ ଦିଅନ୍ତୁ । ଉପରେ ପୁଣି ପିଠଉ ଦିଅନ୍ତୁ । ଉପରେ ଘିଅ ଭଜା ନଡ଼ିଆ ଖଣ୍ଡ ଦିଅନ୍ତୁ । ଏଥିସହିତ ଆପଣ ବାଦାମ ମଞ୍ଜି, କାଜୁ, କିସ୍‌ମିସ୍ ମଧ୍ୟ ପକାଇପାରିବେ ।

୯. ଧୀମା ଆଞ୍ଚରେ ଅଧାଘଣ୍ଟା ଯାଏଁ oven ଅବା କଢ଼ିଇରେ ବସାନ୍ତୁ ।

୧୦. ଏହାପରେ ଏହାକୁ ଥଣ୍ଡା ହେବାକୁ ଦିଅନ୍ତୁ । ଏବେ ଆପଣଙ୍କର ପୋଡ଼ପିଠା ପ୍ରସ୍ତୁତ ।

ପୂର୍ବରୁ ଆମର ମାଆ/ଜେଜେମାଆମାନେ ପୋଡ଼ପିଠା ମାଟି ପଲମରେ କରୁଥିଲେ । କିନ୍ତୁ ଏବେ ସହର ବଜାରରେ ମାଟି ପଲମରେ କରିବା କଷ୍ଟକର ହୋଇପଡ଼ିଲାଣି, ଆଉ ମାଟି ପଲମର ସ୍ଥାନ ଏବେ ଏ ଓଭାନ୍ ନେଇସାରିଛି ।

ଆପଣଙ୍କ ପାଖରେ ଯଦି ମାଟି ପଲମର ସୁବିଧା ଅଛି ତେବେ ସମାନ ପ୍ରଣାଳୀ ଆପଣମାନେ ମଧ୍ୟ ବ୍ୟବହାର କରିପାରିବେ । କଢ଼େଇ ବଦଳେରେ ପିଠଉକୁ ମାଟି ପଲମରେ ପ୍ରଥମେ ଶୁଖିଲା ଗୁଣ୍ଡା କିମ୍ବା ଘଷି ପାଉଁଶ ଦେଇ କଦଳୀପତ୍ର ବିଛେଇ ଢାଳିବେ ଏବଂ ପିଠଉ ଦେଇସାରିବା ପରେ ଉପରେ କଦଳୀପତ୍ରରେ ଘୋଡ଼େଇଦେଇ ତାକୁ ଚୁଲି ଉପରେ ବସେଇଦେବେ ।

ମାଟି ପଲମରେ ପ୍ରସ୍ତୁତ କରିବାକୁ ହେଲେ, ଉଭୟ ତଳପଟୁ ଓ ଉପରପଟୁ ଉତ୍ତାପ ଦେବାକୁ ହେବ, ତେଣୁ ଢାଙ୍କିଥିବା କଦଳୀପତ୍ର ଉପରେ କିଛି ଗୁଣ୍ଡା କିମ୍ବା ଘଷି ନିଆଁର ଆଞ୍ଚ ଦେବେ । ଏମିତି ପାଖାପାଖି ୧ ଘଣ୍ଟାରେ ପୋଡ଼ପିଠା ପ୍ରସୁତ ହୋଇଯିବ ଏବଂ ଥଣ୍ଡା ହେଲାପରେ ଏହା ଖାଇବା ପାଇଁ ପରସିହେବ ।

ଏ ବର୍ଷ ରଜରେ ଏହି ପିଠା ପ୍ରସ୍ତୁତ କରି ଦେଖନ୍ତୁ ଆଉ କେମିତି ଲାଗିଲା ନିଶ୍ଚୟ ଜଣେଇବେ, ମୋର ଇନ୍‌ଷ୍ଟାଗ୍ରାମ୍ ହେଣ୍ଡେଲ୍ @seetayabhoi1ରେ ।


VISIT WEBSITE

My Photography

Visit My Photgraphy Website:
www.gapuphotography.com

Visit My Photography FaceBook Page:
http://facebook.com/gapuphotography/

Join My Photography Club:
https://www.facebook.com/groups/GapuPhotography/



ଡିହିରାକୁଳ- ଦୁଇଟି ତାଳଗଛର ଗାଁ

ସାଇ ପ୍ରକାଶ ଜେନା

"ଗାଁ" ଶବ୍ଦର ଏକ ଅଲଗା ଆକର୍ଷଣ । ମନ ଭିତରେ ଏକ ଅଲଗା ଛବି ଆଙ୍କିହୋଇଯାଏ ନାଁ ଶୁଣିଲେ । ପ୍ରାୟତଃ ନଦୀ, ପୋଖରୀ, ଚାଷଜମି, ଗୋରୁଗାଈ, ଭାଗବତ ଟୁଙ୍ଗୀ... ଏମିତି ଅନେକ କିଛିର ଦୃଶ୍ୟ ଆଖି ଆଗରେ ନାଚିଯାଏ ।

ଶନିବାର ସ୍କୁଲ ଛୁଟି ପରେ ପ୍ରାୟତଃ ସହର ଉପକଣ୍ଠରେ ବୋହିଯାଉଥିବା ସ୍ୱର୍ଣ୍ଣ ନଦୀରେ (ଅପଭ୍ରଂସ ହୋଇ ସୋନ/ସୁନ ହୋଇଛି ଏବେ) ବୁଡ଼ ପକାଇବା ଏକ ଅଭ୍ୟାସରେ ପରିଣତ ହୋଇଥିଲା । ଯଦିଓ ପହଁରା ଶିଖିନଥିବାର ଭୟ ଥିଲା, କିନ୍ତୁ ଅଳ୍ପ ପାଣି ଥିବାରୁ ସେଥିରେ ଖେଳିବାର ମଜା ନିଆରା ଥିଲା । ଏମିତି ଦିନେ ନଦୀ ଗାଧୁଆ ସରିବାପରେ ନିକଟସ୍ଥ ପାହାଡ଼ ଚଢ଼ିବା ଯୋଜନା ତିଆରି ହୋଇଥିଲା ଅନ୍ୟ ବନ୍ଧୁମାନଙ୍କ ସହ । ବୌଦ୍ଧଧର୍ମର ଆଦ୍ୟ ଗୁରୁମାନଙ୍କ ମଧ୍ୟରୁ ଲୁଇପା ଥିଲେ ଅନ୍ୟତମ । ତାଙ୍କର ସାଧନା ତଥା ସିଦ୍ଧ ପ୍ରାପ୍ତିର ଗୁମ୍ଫା ପରିଦର୍ଶନ କରିବା ଲକ୍ଷ୍ୟରେ ଯେବେ ପାହାଡ଼ ଉପରକୁ ଯାଇଥିଲୁ, ଅନତି ଦୂରରେ ଥିବା ଏକ ଗାଁ ଆଖିରେ ପଡ଼ିଥିଲା । କେଜାଣି କାହିଁକି ସାଇକେଲ ଚଢ଼ି କେବେ ସେଠାକୁ ଯିବାର ଦୂର୍ବାର ଅଭିଳାଷା ମନରେ ଗଢ଼ିଉଠିଥିଲା ଅଜାଣତରେ । ଆଖପାଖର ସାଙ୍ଗସାଥିଙ୍କ ନିକଟରୁ ସେ ଗାଁ ବିଷୟରେ ସାମାନ୍ୟ ସୂଚନା ପାଇଥିଲି । ଭାଗ୍ୟକୁ ଉପର ଶ୍ରେଣୀର ଜଣେ ଭାଇଙ୍କ ଘର ସେଇ ଗାଁରେ ଥିଲା ।

ଖରାଛୁଟିରେ ଦିନେ ସକାଳୁ ସାଇକେଲ ଧରି ଘରୁ ଯାତ୍ରା ଆରମ୍ଭ କରି ଯେବେ ଲୁଇପା ପାହାଡ଼ ଅତିକ୍ରମ କଲି, ସ୍ୱାଗତ ଜଣାଇବାକୁ ସ୍ୱର୍ଣ୍ଣ ନଦୀରୁ ବାହାରିଥିବା କେନାଲରେ ତିଆରି କୃତ୍ରିମ ଝରଣା ନିକଟରେ କିଛି କ୍ଷଣ ଛିଡ଼ା ହେଲି । ଦୂରରେ ଥିବା ନୀଳଗିରିର ନୀଳ ପାହାଡ଼ ସହ ସବୁଜ ଧାନ ଖେତର ଦୃଶ୍ୟ ଏକ ଅଜଣା ସମ୍ମୋହନରେ ଭରିଦେଇଥିଲା ମନକୁ । ବଡ଼ଭାଇଙ୍କ ଡାକରେ ଯେବେ ପ୍ରକୃତିସ୍ଥ ହେଲି ସେତେବେଳକୁ ଗ୍ରାମ ସୀମାରେ ଉପନୀତ ହୋଇ ସାରିଥିଲୁ ।

ଗାଁ ଭିତରକୁ ରାସ୍ତା ଆରମ୍ଭରେ ହିଁ ଥିଲା ଦୁଇ ପାର୍ଶ୍ୱରେ ଦୁଇ ବିଶାଳ ତାଳଗଛ । "ଡିହିରାକୁଳ" ବୋଲି ନାମ କିଏ କାହିଁକି ଦେଇଥିଲେ ବା ତା' ପଛର କାହାଣୀ କ'ଣ ଜାଣିବାର ଇଚ୍ଛା ନଥିଲା, ତେଣୁ ମୋ ପାଇଁ ସେଇଦିନରୁ ଗାଁର ନାମ ହୋଇଥିଲା "ଦୁଇଟି ତାଳଗଛର ଗାଁ" ।

ରେଭେନ୍ସାରେ ପଢୁଥିବା ସେଇ ଗାଁର ଜଣେ ବଡ଼ଭାଇଙ୍କ ପାଖରୁ ବିଭିନ୍ନ ସମୟରେ ଗାଁର କଳା ଓ ସଂସ୍କୃତି ତଥା ତନ୍ତ ବୁଣାକାରଙ୍କ ବିଷୟରେ ଶୁଣି କେବେ ପୁଣିଥରେ ଯିବି ଭାବି ଅନେକ ବର୍ଷ ବିତିଯାଇଥିଲା । ଜୀବନ ଜୀବିକା ସନ୍ଧାନରେ ଅନେକ ଦୂରରେ ରହିବା ପରେ ଖୁବ୍ କମ୍ ସମୟ ପାଇଁ ଗାଁକୁ ଗଲେ ସମ୍ଭବ ହେଉ ନଥିଲା ଯୋଜନା କରି ସେଇ ଗାଁ ବୁଲିବାପାଇଁ । ଅନେକ ବର୍ଷ ପରେ ଦିନେ ହଠାତ କୌଣସି ଏକ କାମରେ ସେଇ ପାଖ ଗାଁକୁ ଯାଇଥିବା ସମୟରେ କିଛି ସମୟ ସେଇଠି ବିତାଇବାର ଅନୁଭୂତି ଏବେବି ମାନସପଟ୍ଟରୁ ଲିଭିନାହିଁ ।

ଭିତରକୁ ଥିବା ମୋରମ୍ ରାସ୍ତା ଏବେ ଅବଶ୍ୟ କଂକ୍ରିଟର ଆବରଣ ପାଇଛି ଆଉ ଜଳ ନିଷ୍କାସନ ପାଇଁ ତିଆରି ହୋଇଥିବା ଡ୍ରେନ୍ ଏବେ ମଶାଙ୍କ ଗନ୍ତାଘର ପାଲଟିଛି, କିନ୍ତୁ ରାସ୍ତା କଡ଼ରେ ଥିବା ଧାଡ଼ି ଧାଡ଼ି ଘର ଓ ଗଛ ସବୁ ସେମିତି ହିଁ ପୁରୁଣା ଅଛନ୍ତି । ବାମପଟେ ନୂଆ ତିଆରି ହୋଇଥିବା ସୁନ୍ଦର ଜଗନ୍ନାଥ ମନ୍ଦିରରେ ମୁଣ୍ଡିଆ ମାରି ଉଠିଲା ବେଳକୁ ବନ୍ଧୁଜଣେ ଆସି ପହଞ୍ଚି ଯାଇଥିଲେ । ତାଙ୍କ ସହ ଚାଲିଲୁ ବହୁ ବର୍ଷ ପରେ ପୁଣିଥରେ ନୂଆ ଜୀବନର ସଞ୍ଚାର ପାଇଥିବା ତନ୍ତ ସମବାୟ ସମିତିର କାର୍ଯ୍ୟାଳୟକୁ । ୧୯୫୫ ମସିହାରେ ଗାଁର କିଛି ଯୁବକଙ୍କ ଉଦ୍ୟମରେ ପ୍ରତିଷ୍ଠିତ ଏ ଅନୁଷ୍ଠାନ ଆଜି ଅନେକ ଝଡ଼ଝଞ୍ଝା ସହି ୬୫ ବର୍ଷ ଅତିକ୍ରମ କରି ସାରିଲିଣି । ମଝିରେ କିଛି ବର୍ଷ ଅର୍ଥାଭାବରୁ ବନ୍ଦ ହୋଇ ପୁଣିଥରେ ଏଇ କିଛିବର୍ଷ ହେବ ୫୦୦ ଟଙ୍କା ମାସିକ

ସରକାରୀ ଭତ୍ତା ପାଇ ୭୦/୭୫ ପୁରଷ ଓ ମହିଳା ମିଶି ସକାଳୁ ସଞ୍ଜ ପର୍ଯ୍ୟନ୍ତ ପାରମ୍ପାରିକ କଳାକୁ ବଞ୍ଚାଇବାର ଉଦ୍ୟମ ଜାରି ରଖିଛନ୍ତି ।



ଆଜି ବି ସେଇ ଫୁଡାକୁମ୍ଭ ଟସର ଶାଢ଼ୀର ବୁଣିବା ଶୈଳୀ ଅପରିବର୍ତ୍ତିତ ରହିଛି । ପାଟ ଶାଢ଼ୀ ଏବଂ ଆଦିବାସୀ ପ୍ରିଣ୍ଟ ଥିବା ଶାଢ଼ୀରେ ଅବଶ୍ୟ ଆଧୁନିକତା ଆଣିବାର ଚେଷ୍ଟା ଚାଲିଛି କିନ୍ତୁ ବୁଣିବା ଶୈଳୀ ସେଇ ପୁରୁଣା । ଟସର ଚାଦର, ଗାମୁଛା ବୁଣା ଶୈଳୀ ବି ସେଇ ପୁରୁଣା ଆଉ ମଣ୍ଡ ଦେବା ପରର ସେ ବାସ୍ନା ସେମିତି ହିଁ ଅଛି (ଅନେକ ବର୍ଷ ତଳେ ପ୍ରଥମ ଚାକିରି ସମୟରେ ସେଇ ଚାଦରରୁ ଖଣ୍ଡେ ଉପହାରରେ ପାଇଥିଲି ମାଆଙ୍କ ପାଖରୁ ଯେଉଁଟା ଏପର୍ଯ୍ୟନ୍ତ ବି ସାଇତି ରଖିଛି ଆଉ ରଖିବି) । ପାଟ ଉପରେ ରାମାୟଣ/ମହାଭାରତର କାହାଣୀର ସୁକ୍ଷ୍ମ କାରୁକାର୍ଯ୍ୟ ହେଉ କିମ୍ବା ବାଲିଚୋରୀ ଶାଢ଼ୀରେ ଟସର ଉପରେ ଗୋପଲୀଳାର ଅପୂର୍ବ ଦୃଶ୍ୟ ଏବେବି ସେମିତି ହିଁ ତିଆରି ଚାଲିଛି । ସମିତିର ମୁଖ୍ୟ ପରିଚାଳକଙ୍କ ସହ ସଂସ୍କାର ସୁବିଧା ଅସୁବିଧା ବିଷୟରେ ବୁଝି କିପରି ଆମାଜନ୍ ଭଳି ବଡ଼ ଇ-ବାଣିଜ୍ୟ ସଂସ୍ଥା ସହଯୋଗରେ ତନ୍ତୁଲୁଗାର ବଡ଼ ବଜାର ସୃଷ୍ଟି କରାଯାଇପାରେ ସେକଥା ଆଲୋଚନା କରି ସାହୁ ସାହି ଆଡ଼କୁ ପହଞ୍ଚି ଯାଇଥିଲି ।

୧୯୯୫ ମସିହାରେ ତାଳପତ୍ରରେ ଉଷା ବିଳାସ କାବ୍ୟ ଖୋଦେଇ କରି ରାଷ୍ଟ୍ରପତିଙ୍କଦ୍ୱାରା ପୁରସ୍କୃତ ଶ୍ରୀଯୁକ୍ତ କରୁଣାକର ସାହୁ ଓ ତାଙ୍କ ପରିବାରର ଗାଁରେ ଥିଲା ଅନେକ ଲୋକପ୍ରିୟତା ।

ବିଭିନ୍ନ ପଥର ମୂର୍ତ୍ତି, ତାଳପତ୍ର ଚିତ୍ର ଏବଂ ପଟ୍ଟଚିତ୍ର ତିଆରିରେ ସିଦ୍ଧହସ୍ତ ଶ୍ରୀଯୁକ୍ତ ସାହୁ ଅବଶ୍ୟ ଏବେ ଭୁବନେଶ୍ୱରର ବାସିନ୍ଦା । ଗ୍ରାମାବସ୍ଥାନ ସମୟରେ ଅନେକ ଯୁବକଙ୍କୁ ତାଲିମ ଦେଇ ସ୍ୱଚ୍ଛଳ କରିବାର ଚେଷ୍ଟା କରିଥିଲେ ମଧ୍ୟ ସେ ଭିତରୁ କିଛି ଏବେ ରୋଜଗାର ଆଶାରେ ବଡ଼ ସହରକୁ ସ୍ଥାନନ୍ତରିତ ଏବଂ ପ୍ରାୟତଃ ନଗଣ୍ୟ ଏବେ ସେ କାରୁକାର୍ଯ୍ୟରୁ ଜୀବିକା ଆଶା ରଖିଛନ୍ତି । କିନ୍ତୁ ଜଣେ ବି ଏବେ ଗାଁରେ ନଥିବା କଥା ମନରେ ଅନୁଶୋଚନା ଆଣିଥିଲା ।



କାଳକ୍ରମେ ଗାଁ'ର କଳା ପରମ୍ପରା କ'ଣ ଲୋପ ପାଇଯିବ? ଯଦି ତନ୍ତ ବୁଣା ପୁଣିଥରେ ଆରମ୍ଭ ହୋଇ ପାରିଲା ତେବେ ଚିତ୍ର କଳାର ପୁନରୁଦ୍ଧାର ହୋଇ ପାରିବନି କାହିଁକି ଭାବୁଭାବୁ ସମୟ ହୋଇଯାଇଥିଲା ଫେରିବାର ।



ବହୁ ଚେଷ୍ଟା ସତ୍ତ୍ୱେ ଶ୍ରୀଯୁକ୍ତ ସାହୁଙ୍କ ସହ ସମ୍ପର୍କ କରି ପାରିଲି ନାହିଁ ବୋଲି ଅନୁତାପ ରହିବ କିନ୍ତୁ ଆଶା କେବେ ନା କେବେ ସେ ଫେରିବେ ପୁଣିଥରେ ସେଇ ପୁରୁଣା କଳାକୁ ନୂଆ ଶୈଳୀରେ ନୂଆ ଜୀବନ ଦେବାପାଇଁ ।



- O -

ଡିହିରାକୁଳ ଗାଁ ମୟୁରଭଞ୍ଜ ଜିଲ୍ଲାର ଉଦଳା ସହରରୁ ଅନତିଦୂରରେ ଅବସ୍ଥିତ ଏକ ଶିଳ୍ପଗ୍ରାମ (ଅବଶ୍ୟ ସରକାରଙ୍କ ଅନୁମୋଦନ ଲାଭ କରିଛି କି ନାହିଁ କହି ପାରିବି ନାହିଁ) । ଲେଖାଟି ଦୁଇ ବର୍ଷ ତଳେ ଜାତୀୟ ହସ୍ତତନ୍ତ ଦିବସ ସମୟରେ ସାମାଜିକ ଗଣମାଧ୍ୟମରେ ଚିତ୍ର ସମ୍ବଳିତ ପ୍ରକାଶ କରିଥିଲି ବୁଣାକାରମାନଙ୍କ ଦୁରବସ୍ଥା ବିଷୟରେ ସରକାରଙ୍କୁ ଅବଗତ କରାଇବା ପାଇଁ ।

- *ସାଇ ପ୍ରକାଶ ଜେନା*

ଏବେ ସବୁକିଛି ଇଣ୍ଟରନେଟ ମାଧ୍ୟମରେ ବଢ଼ିବାରେ ଲାଗିଛି । ତେଣୁ ବ୍ୟବସାୟକୁ ମଧ୍ୟ ଇଣ୍ଟରନେଟ ଜରିଆରେ ଅଧିକ ଲୋକମାନଙ୍କ ପାଖରେ ପହଞ୍ଚାନ୍ତୁ । କୌଣସି ମାଧ୍ୟମରେ ବିଜ୍ଞାପନ ଦେବାକୁ ହେଲେ ଆପଣଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ । କିନ୍ତୁ ସିଧାସଳଖ ବିଜ୍ଞାପନରେ ମଧ୍ୟସ୍ଥିର କମିଶନ ବଞ୍ଚିଯାଏ ।

ଆମ ପତ୍ରିକାରେ କିମ୍ବା ୱେବସାଇଟ୍‌ରେ ବିଜ୍ଞାପନ ଦେବାପାଇଁ ଆମ ସହ ଯୋଗାଯୋଗ କରନ୍ତୁ । ଇ-ମେଲ୍: shubhapallaba@gmail.com କିମ୍ବା +91 7008899643ରେ ଆମ ସହ ସିଧାସଳଖ ଯୋଗାଯୋଗ କରି କଥାବାର୍ତ୍ତା କରିପାରିବେ ।

ଶୁଭପଲ୍ଲବ ପ୍ରତି ଆପଣମାନଙ୍କର ଥିବା ଭଲ ପାଇବା ହିଁ ଆମ ପାଇଁ ପ୍ରେରଣା । ଆପଣାମାନଙ୍କର ପରାମର୍ଶରେ ଆରମ୍ଭ ହୋଇଥିଲା ଏହାର ଅଡ଼ିଓ ରେକର୍ଡ଼ିଂ କାର୍ଯ୍ୟ ଏବଂ ସଭିଙ୍କର ସହଯୋଗ ଫଳରେ ଆଜି ପୂର୍ବ ପ୍ରକାଶିତ ଲେଖାଗୁଡ଼ିକର ଅଡ଼ିଓ ଏବେ ଇଣ୍ଟରନେଟରେ ଖୋଲା ଭାବେ ଉପଲବ୍ଧ । ପୂର୍ବଥର ଭଳି ଏଥର ମଧ୍ୟ କିଛି ଭିନ୍ନ କରିବାର ପ୍ରଚେଷ୍ଟା କରିଛୁ ।

ଆପଣମାନଙ୍କର ଏହିଭଳି ଭଲପାଇବା ଆଶା କରୁଛୁ ଏହି ସଂସ୍କରଣ ପାଇଁ ଏବଂ ଅଡ଼ିଓ ରେକର୍ଡ଼ିଂ କାର୍ଯ୍ୟରେ ଆପଣମାନଙ୍କର ସହଯୋଗ ମଧ୍ୟ କାମନା କରୁଛୁ । ୟୁ-ଟ୍ୟୁବ୍‌ରେ ଅଡ଼ିଓ ଆସିବା ପରେ ଗପ ଶୁଣିବାକୁ ରୁଚି ରଖୁଥିବା କିମ୍ବା ଓଡ଼ିଆ ଲିପି ଭଲ ଭାବରେ ପଢ଼ିପାରୁନଥିବା ବନ୍ଧୁମାନଙ୍କ ସହ ସେୟାର କରିବାକୁ ଅନୁରୋଧ କରୁଛୁ । ଏଥିସହ ଯଦି କୌଣସି ଲେଖାର ରେକର୍ଡ଼ିଂ ଆପଣ ନିଜେ କରିବାକୁ ଚାହୁଁଥିବେ, ତେବେ ମୋବାଇଲେ ରେକର୍ଡ଼ିଂ କରି ଆମକୁ ଇ-ମେଲ୍ ମାଧ୍ୟମରେ ପଠାଇପାରିବେ ।

ସର୍ବୋପରି ଏହି ସଂସ୍କରଣର ପ୍ରକାଶିତ ଲେଖା ତଥା ପତ୍ରିକା ବିଷୟରେ ମତାମତ ଦେବାକୁ ଅନୁରୋଧ କରୁଛୁ । ଆମର ୱେବ୍‌ସାଇଟ୍‌ରେ ଲେଖା ପ୍ରକାଶ କରିବାକୁ ଇଚ୍ଛୁକ ଲେଖ୍‌କ/ଲେଖ୍‌କାମାନେ ଆମକୁ ଇ-ମେଲ୍ ଜରିଆରେ ପଠାଇପାରିବେ । ମେଲ୍ କରିବା ସମୟରେ ଠିକଣାର ବନାନକୁ ଧ୍ୟାନରେ ରଖି Text ଆକାରରେ ଲେଖି ସାଙ୍ଗରେ ଗୋଟିଏ ଫଟୋ ପଠାଇବାକୁ ଅନୁରୋଧ ।

ଇ-ମେଲ୍: shubhapallaba@gmail.com
ୟୁ-ଟ୍ୟୁବ୍: http://youtube.com/Shubhapallaba
ସୋସିଆଲ ମିଡ଼ିଆ: Facebook, twitter, Insta/@Shubhapallaba
ୱେବ୍‌ସାଇଟ୍: http://shubhapallaba.in
WhatsApp: +91 7008899643
©Shubhapallaba